ଟିପ୍ପଣୀ

# ଏକକ ୨ ଗୋଷ୍ଠୀ ଓ ବିଦ୍ୟାଳୟ

**ସଂରଚନା**

୨.୦ ଉପକ୍ରମ

୨.୧ ଶିକ୍ଷଣ ଉଦ୍ଦେଶ୍ୟ

୨.୨ ଗୋଷ୍ଠୀକୁ ବୁଝିବା (ସମାଜ ବନାମ ଗୋଷ୍ଠୀ)

୨.୩ ପ୍ରାରମ୍ଭିକ ଶିକ୍ଷା ପରିପ୍ରେକ୍ଷୀରେ ଗୋଷ୍ଠୀ

୨.୪ ଗୋଷ୍ଠୀ ଓ ବିଦ୍ୟାଳୟ ଭାବବିନିମୟ

୨.୫ ସାରାଂଶ

୨.୬ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୨.୭ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୨.୮ ପାଠାନ୍ତ ପ୍ରଶ୍ନାବଳୀ

## ୨.୦ ଉପକ୍ରମ

ପୂର୍ବ ଏକକରେ ସମାଜ ଓ ବର୍ତ୍ତମାନ ଭାରତୀୟ ସମାଜରେ ଥିବା ଭିନ୍ନତା ଗୁଡିକ ବିଷୟରେ ତୁମେ ପଢିସାରିଛ । ଏହି ଏକକରେ ଗୋଷ୍ଠୀର ଅର୍ଥ ଓ ଏକାପରି ସଂସ୍କୃତି (ଏକ ଜୀବନଧାରା) ଥିବା ବୃହତ୍ତର ସମାଜର କିପରି ଗୋଷ୍ଠୀ ଏକ ଅଂଶ, ରୀତି ନୀତି / ପ୍ରଥା / ଲୋକକଥା / ଯୋଗାଯୋଗ ମାଧ୍ୟମ (ଭାଷା) ଏବଂ ବିଦ୍ୟମାନଥିବା ବିଭିନ୍ନ ଜୀବନ କୌଶଳ ବିଦ୍ୟାଳୟରେ ପିଲାମାନଙ୍କ ଶିକ୍ଷଣକୁ ପ୍ରଭାବିତ କରେ ତାହା ବିଷକ୍ଷରେ ତୁମେ ଜାଣିବ ।

ଗୋଷ୍ଠୀ ସହିତ ବିଦ୍ୟାଳୟର ସଂଯୋଗ, ବିଦ୍ୟାଲ୍ୟୟରେ ଦିଆଯାଉଥିବା ଶିକ୍ଷାକୁ ପ୍ରଭାବିତ କରେ । ସେହି ଗୋଷ୍ଠୀରେ ବାସ କରୁଥିବା ଲୋକମାନଙ୍କର ଆବଶ୍ୟକତା ଆଗ୍ରହ ଓ ଆକାଂକ୍ଷା ଆଧାରରେ ବିଦ୍ୟାଳୟ ଗୋଷ୍ଠୀର ଆଶା ପୂରଣ କରିଥାଏ ।

## ୨.୧. ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକର ପଠନ ଶେଷରେ ତୁମେ କରିବାକୁ ସମର୍ଥ ହେବ:-

- ଏକ କ୍ଷୁଦ୍ର ସମାଜ ରୂପରେ ଗୋଷ୍ଠୀର ଧାରଣା ବର୍ଣ୍ଣନା କରିବାରେ
- ପ୍ରାରମ୍ଭିକ ଶିକ୍ଷା ପରିପ୍ରେକ୍ଷୀରେ ଗୋଷ୍ଠୀର ଭୂମିକା ବିଶ୍ଳେଷଣ କରିବାରେ
- ଗୋଷ୍ଠୀ ଓ ବିଦ୍ୟାଳୟ ମଧ୍ୟରେ ସଂଯୋଗଗୁଡିକ ବର୍ଣ୍ଣନା କରିବାରେ
- ଶିକ୍ଷାର୍ଥୀର ଭାଷା ବିକାଶରେ ଗୋଷ୍ଠୀର ପ୍ରଭାବ ଆଲୋଚନା କରିବାରେ
- ଶିକ୍ଷାର୍ଥୀର ସାଂସ୍କୃତିକ ବିକଶରେ ଗୋଷ୍ଠୀର ପ୍ରଭାବ ଚିତ୍ରଣ କରିବାରେ
- ଶିକ୍ଷାର୍ଥୀର ଜୀବନ କୌଶଳ ବିକାଶ କରିବାରେ ଗୋଷ୍ଠୀର ପ୍ରଭାବ ସଂପର୍କିତ କରିବାରେ





## ୨.୨ ଗୋଷ୍ଠୀକୁ ବୁଝିବା (ସମାଜ ବନାମ ଗୋଷ୍ଠୀ)



ଗୋଷ୍ଠୀକୁ ବୁଝିବା ପୂର୍ବରୁ ତୁମେ ଗୋଷ୍ଠୀର ଅର୍ଥ ଜାଣିବା ଉଚିତ । ସାଧାରଣ ଭାଷାରେ ଗୋଷ୍ଠୀ ହେଉଛି ସମାନ ଆଗ୍ରହ ଥିବା, ସମାନ ପରଂପରା ପାଳୁଥିବା ଏବଂ ସେହି ନିର୍ଦ୍ଦିଷ୍ଟ ଗୋଷ୍ଠୀରେ ବାସ କରୁଥିବା ଲୋକମାନଙ୍କର କଲ୍ୟାଣ ଓ ଅଗ୍ରଗତି ପାଇଁ ଆବଶ୍ୟକୀୟ ନିଜସ୍ୱ ନୀତି ଓ ଢଙ୍ଗ ଦ୍ୱାରା ଜୀବନଧାରଣ କରୁଥିବା ଲୋକମାନଙ୍କର ଏକ ପରସ୍ପର ନିର୍ଭରଶୀଳ ଏକକ ।

ଆରିଷ୍ଟୋଟେଲ୍ ଯିଏକି ପ୍ରଥମେ 'ଗୋଷ୍ଠୀ' ଶବ୍ଦର ସଂଜ୍ଞା ସୂଚାଇଥିଲେ ଯେ ଏହା ବିନିମୟୀ ମୂଲ୍ୟବୋଧ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ସ୍ଥାପିତ ଏକଦଳ । ବିଭିନ୍ନ ପ୍ରକାର ଗୋଷ୍ଠୀମାନ ରହିଛି । ପ୍ରଥମଟି ହେଲା ଭୌଗଳିକ ଗୋଷ୍ଠୀ ଯିଏକି ଏକ ଗ୍ରାମ ବା ଜିଲ୍ଲା ଭଳି ଏହାର ସଦସ୍ୟମାନଙ୍କ ବାସସ୍ଥାନ ଅନୁସାରେ ବର୍ଣ୍ଣିତ ହୋଇଥାଏ । ଦ୍ୱିତୀୟ ପ୍ରକାରଟି ଜାତି, ବଂଶ ଏବଂ ଧାର୍ମିକ ଗୋଷ୍ଠୀ ଯେଉଁଥିରେ ସଦସ୍ୟତା ଜାତି, ବଂଶ ଏବଂ ଧର୍ମ ଆଧାରରେ ହୋଇଥାଏ ଏବଂ ସାଧରଣତଃ ଭୌତିକ ସ୍ଥିତି ଆଧାରରେ ସଦସ୍ୟତା ସୀମିତ ନଥାଏ । ତୃତୀୟଟି ହେଲା ଭାବବିନିମୟୀ ପରିବାର ଓ ଶୈକ୍ଷିକ ବିଚାର ଆଧାରିତ ଗୋଷ୍ଠୀ ଯାହା ପିତାମାତା ସଂଘ ବା ସେହି ପ୍ରକାରର ପରିବାରମାନଙ୍କୁ ଅନ୍ତର୍ଭୁକ୍ତ କରିଥାଏ, ଯେଉଁଗୁଡିକ ଶିକ୍ଷାର୍ଥୀମାନଙ୍କର କଲ୍ୟାଣ ପାଇଁ ପରିବାର ଗୁଡିକର ବିନିମୟୀ ବିଚାର ଉପରେ ଆଧାରିତ । ଇଣ୍ଟରନେଟ୍ ଆଗମନ ପର ଠାରୁ ଗୋଷ୍ଠୀ ଧାରଣାର ଭୌଗଳିକ ସୀମିତତା ଆଉ ନାହିଁ । କାରଣ ବର୍ତ୍ତମାନ ବସ୍ତୁତଃ ଏକ ଅନ୍‌ଲାଇନ ଗୋଷ୍ଠୀରେ ଏକତ୍ର ହୋଇପାରିବେ ଏବଂ ସେମାନଙ୍କର ଅବସ୍ଥିତି ନିର୍ବିଶେଷରେ ସାଧାରଣତଃ ଆଗ୍ରହ ଗୁଡିକୁ ବିନିମୟ କରିପାରିବେ । ସର୍ବୋପରି ଜ୍ଞାନ ବିନିମୟ ଓ ଯୋଗାଯୋଗ କରିବା ଗୋଷ୍ଠୀର କାମ । ଫଳରେ ସମସ୍ତେ ବଢ଼ି ପାରିବେ ।

ପରିବାର ତୁଳନାରେ ଗୋଷ୍ଠୀ ଅନୁପାତିକ ଭାବେ ଏକ ବୃହତ୍ତର ସାମାଜିକ ଏକକ ହୋଇଥିବାରୁ, ଗୋଷ୍ଠୀର କାର୍ଯ୍ୟସବୁ ପରିବାର କାର୍ଯ୍ୟଗୁଡିକର ଧାରାବାହିକତା ଓ ଉନ୍ନତି ସାଧନକୁ ବୁଝାଏ । ଯାହାହେଉ, ଏହା ସହିତ ଗୋଷ୍ଠୀ ମଧ୍ୟ ପିଲାମାନଙ୍କର ଔପଚାରିକ ଶିକ୍ଷା ପାଇଁ ବ୍ୟବସ୍ଥା କରିଥାଏ । ଗୃହ ଭଳି ଏହା ଏକ ସାମାଜିକ ଅନୁଷ୍ଠାନ ଯାହା ଅଧିକ କାର୍ଯ୍ୟାତ୍ମକ ଏବଂ ବ୍ୟବସ୍ଥିତ ଉପାୟରେ କାର୍ଯ୍ୟଗୁଡିକୁ ଅନୁଭବ କରିବା ଉଦ୍ଦେଶ୍ୟରେ ଶୈକ୍ଷିକ ଅନୁଷ୍ଠାନଗୁଡ଼ିକୁ ସ୍ଥାପନ କରିବାର ଦାୟତ୍ୱ ନେଇଥାଏ । ସ୍ପଷ୍ଟ ଭାବରେ ଏହା ପରିବାର ଠାରୁ ଅଧିକ ଓ ସମାଜ ଠାରୁ କମ୍ ସାଧାରଣ ଉପାୟରେ କାର୍ଯ୍ୟକରେ ।

**ସ୍ଥାନୀୟ ଗୋଷ୍ଠୀମାନଙ୍କରେ ତୁମେ ଭିନ୍ନତା ପାଇଛ କି ? କାହିଁକି ?**

ସ୍ଥାନୀୟ ଗୋଷ୍ଠୀମାନଙ୍କରେ ଭିନ୍ନତା ଥାଇପାରେ କାରଣ ୧) ଜନସଂଖ୍ୟା (ଯଥା ଗ୍ରାମ୍ୟ ଗୋଷ୍ଠୀ, ସହର

ଗୋଷ୍ଠୀ ବା ମହାନଗର ଗୋଷ୍ଠୀ), ୨) ଭାଷା, ୩) ଧର୍ମ, ୪) ସାମାଜିକ ଗଠନ, ୫) ଜନସଂଖ୍ୟାର ସାମଗ୍ରୀକ ଆର୍ଥୀକ ସ୍ଥିତି ଓ ସାଂସ୍କୃତିକ ଜୀବନ ଧାରର ଉପାୟ । ଭାରତରେ ପ୍ରଧାନତଃ ଜାତି, ଧର୍ମ, ବର୍ଣ୍ଣ ଆଧାରରେ ଗ୍ରାମୀୟ ଗୋଷ୍ଠୀଗୁଡ଼ିକ ବିଭକ୍ତ ହୋଇଥାଏ । କିନ୍ତୁ ସହରାଞ୍ଚଳରେ ଲୋକମାନଙ୍କର ସାମାଜିକ – ଆର୍ଥିକସ୍ଥିତି ଆଧାରରେ ସାମାଜିକ ବିଭାଗମାନ ହୋଇଥାଏ । ଯାହା ଗୋଷ୍ଠୀକୁ ଗଠନ କରେ । ଉଚ୍ଚତର ସାମାଜିକ – ଆର୍ଥିକସ୍ଥିତି/ ଶ୍ରେଣୀ ଅନ୍ତର୍ଭୁକ୍ତ ଥିବା ଲୋକମାନେ ସାଧାରଣ ଭାବେ ଅଧିକ ଶୈକ୍ଷିକ ସଚେତନ ଓ ସେମାନଙ୍କ ପାଇଁ ଉତ୍ତମ ଓ ଭଲମାନର ଶିକ୍ଷାନୁଷ୍ଠାନମାନ ଥାଏ । ଆର୍ଥିକ ଦୃଷ୍ଟିରୁ ଭଲ ସ୍ଥିତିରେ ଥିବାରୁ ସେମାନଙ୍କ  ଅନୁଷ୍ଠାନଗୁଡିକରେ ଉନ୍ନତ ଶୈକ୍ଷିକ ସୁବିଧା ସେମାନେ ପ୍ରଦାନ କରିପାରିବେ । ଅନ୍ୟପକ୍ଷରେ ସହରାଞ୍ଚଳରେ ଥିବା ଗ୍ରାମ୍ୟ ଓ ଅନୁସୂଚିତ ଜନଜାତି ଗୋଷ୍ଠୀ ଏବଂ ବସ୍ତିବାସିନ୍ଦାମାନେ ଆର୍ଥିକ ଦୁର୍ବଳ ହୋଇଥିବାରୁ ସେମାନଙ୍କ ଆବଶ୍ୟକତାକୁ ଖାପଖୁଆଇବା ଭଳି ଅନୁଷ୍ଠାନ ସ୍ଥାପନ କରିବାରେ ଅସମର୍ଥ ।

ଆମେ ଜାଣୁ ଯେ ଗୋଷ୍ଠୀର ସଦସ୍ୟମାନଙ୍କ ମଧ୍ୟରେ ନିରନ୍ତର କ୍ରିୟାପ୍ରତିକ୍ରିୟା ରହିଛି କାରଣ ସେମାନେ ସାଧାରଣ ସାମାଜିକ ଘଟଣା ଓ ସମସ୍ୟା ଉପରେ ପରସ୍ପର ସହିତ ଯୋଗାଯୋଗ ଓ ଆଲୋଚନା କରନ୍ତି । ଏହା ଗୋଷ୍ଠୀ ଜୀବନର ଅପୂର୍ବ ଘଟଣା ଆଡ଼କୁ ଅଗ୍ରସର କରାଏ । ଗୋଷ୍ଠୀର ମୁକ୍ତ ଜୀବନ ସଦସ୍ୟମାନଙ୍କ ମଧ୍ୟରେ ସ୍ୱାଧିନ ଏବଂ ନିର୍ଭୀକ କ୍ରିୟାପ୍ରତିକ୍ରିୟା ନିର୍ଭର କରେ ।

**ଗୋଷ୍ଠୀକୁ ବୁଝିବା କିପରି ?**

- ଗୋଷ୍ଠୀର ଲୋକମାନଙ୍କ ସହିତ ଏକତ୍ର ହୋଇ / ମିଶି ସେମାନଙ୍କୁ ଜାଣ । ଲୋକମାନଙ୍କର ସଂସ୍କୃତି ଓ ସେମାନେ ପରସ୍ପର ସହ କିପରି କ୍ରିୟାପ୍ରତିକ୍ରିୟା କରନ୍ତି ତାହା ଜାଣିବା ଆବଶ୍ୟକ ।
- ସ୍ଥାନୀୟ ଭାଷା, ସଂସ୍କୃତି ଓ ପ୍ରଥା ପ୍ରତି ଖୋଲାମନ, ବନ୍ଧୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ହୁଅ ।
- ଗୋଷ୍ଠୀର ଉତ୍ସବ ଓ ଘଟଣାଗୁଡିକରେ ନିଜକୁ ଅନ୍ତର୍ଭୁକ୍ତ କର ।
- ବିଭିନ୍ନ ଗୋଷ୍ଠୀ ଉତ୍ସବ, ଘଟଣା ଆଦିରେ ମୁଖ୍ୟ ସୂଚନା କର୍ତ୍ତା, ଗୋଷ୍ଠୀମୁଖ୍ୟମାନଙ୍କୁ ଭେଟିବାକୁ ଚେଷ୍ଟା କର ।
- ଅନେକ ଗୁଡ଼ିଏ ଅନୌପଚାରିକ ଉପାୟମାନ ରହିଛି ଯଥା – ଉତ୍ସବ ଓ ଗୋଷ୍ଠୀ କାର୍ଯ୍ୟମାନ ଯେପରି ବିବାହ, ପର୍ବପର୍ବାଣି,ଧାର୍ମିକକାର୍ଯ୍ୟ ଇତ୍ୟାଦି । ଯାହା ମାଧ୍ୟମରେ ଗୋଷ୍ଠୀ ନିଜସ୍ୱ ବୁଝାମଣା, ସାମାଜିକ, ସାଂସ୍କୃତିକ(ଜୀବନଧାରଣ) ପ୍ରଥା, ଐତିହ୍ୟ ଆଦିକୁ ଏହାର ସଦସ୍ୟମାନଙ୍କୁ ହସ୍ତାନ୍ତର କରେ, ଯାହାକୁ ପିଲାମାନେ ଗ୍ରହଣ କରନ୍ତି ।

ତେଣୁ ନିଜର ଅନ୍ତର୍ଭୁକ୍ତି ପାଇଁ ଗୋଷ୍ଠୀକୁ ବୁଝିବା ଆବଶ୍ୟକ । ଏହା ମନେରଖିବା ଉଚିତ ଯେ ଭିନ୍ନ ଭିନ୍ନ ଗୋଷ୍ଠୀର ବିଭିନ୍ନ ଉପାଦାନମାନ ଥାଇପାରେ, ଯାହା ସମାନ ବା ଭିନ୍ନ ଉପାୟରେ କାର୍ଯ୍ୟ କରି ସୂଚିତ କରେ ଯେ ଗୋଷ୍ଠୀ ଅଦ୍ୱିତୀୟ ଭାବେ ଗ୍ରହଣୀୟ ହେବା ଉଚିତ ଏବଂ ଏହାର ନିର୍ଦ୍ଦିଷ୍ଟ ପ୍ରସଙ୍ଗ ସହିତ ବୁଝାଯିବା ଓ ବ୍ୟବହାର କରାଯିବା ଉଚିତ । କୌଣସି ଗୋଷ୍ଠୀ, ଦଳ ବା ପରିବାର ସମଜାତୀୟ ନୁହେଁ, ତେଣୁ ବୈଶିଷ୍ଟ୍ୟ ସମୂହ ଓ କ୍ଷମତା ସନ୍ତୁଳନ ସହିତ ଗୋଷ୍ଠୀ ପ୍ରସଙ୍ଗକୁ ପରୀକ୍ଷା କରିବା ଓ ବୁଝିବା ଗୁରୁତ୍ୱପୂର୍ଣ୍ଣ ଅଟେ । ସମାଜରେ କେତେକ କାର୍ଯ୍ୟରେ ଗୋଷ୍ଠୀ ଅଂଶ ଗ୍ରହଣର ସ୍ତରକୁ ପରୀକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । କେତେକ ଗୋଷ୍ଠୀ ପାରମ୍ପରିକ ଭାବେ ଗୋଷ୍ଠୀଭିତ୍ତିକ କାର୍ଯ୍ୟରେ ନିଜକୁ ଅନ୍ତର୍ଭୁକ୍ତ କରୁଥିବା ସମୟରେ,  ଅନ୍ୟମାନେ ବିଦ୍ୟାଳୟଗୁଡିକୁ ସହିତ ଏପରିକି ଅନ୍ୟ ସଦସ୍ୟମାନଙ୍କ ସହିତ ଏକତ୍ର କାମ କରନ୍ତି ନାହିଁ ।

ଟିପ୍ପଣୀ

ନିଜ ଅଗ୍ରଗତି ଆକଳନ - ୧

୧. ଗୋଷ୍ଠୀ କହିଲେ ତୁମେ କ'ଣ ବୁଝ ? ଗୋଷ୍ଠୀକୁ ବୁଝିବା ପାଇଁ ଦୁଇଟି କୌଶଳର ତାଲିକା କର ।

------------------------------------------------------------------------

------------------------------------------------------------------------

------------------------------------------------------------------------

## ୨.୩. ପ୍ରାରମ୍ଭିକ ଶିକ୍ଷା ପରିପ୍ରେକ୍ଷୀରେ ଗୋଷ୍ଠୀ:

ଆମେ ଜାଣିଛେ ଯେ ଗୋଷ୍ଠୀ ସାମାଜିକ ମୂଲ୍ୟବୋଧ, ସଂସ୍କୃତି, ଐତିହ୍ୟ, ଧର୍ମ, ବିଶ୍ୱାସ ଓ ଭାଷାର ଧାରାବାହିକତା ଓ ଉନ୍ନତି ସାଧନରେ ସାହାଯ୍ୟ କରେ । ଏଥିସହିତ ଶିକ୍ଷାର ପ୍ରସାରରେ ମଧ୍ୟ ଏହା ସାହାଯ୍ୟ କରେ । କାରଣ ଏହା ସାମଗ୍ରୀକ ପ୍ରସଙ୍ଗ ଯେଉଁଥିରେ ପିଲାମାନେ ବାସ କରନ୍ତି ଓ ଶିଖନ୍ତି ଏବଂ ଆମେ ଯାହା ସେମାନଙ୍କୁ ଶିଖାଇଛୁ ତାହା ପ୍ରୟୋଗ କରନ୍ତି । ଗୋଷ୍ଠୀ ଆମ ଶିକ୍ଷାର୍ଥୀମାନଙ୍କ ପିତାମାତା ଓ ଅଭିଭାବକ, ପରିବାରର ଅନ୍ୟ ସଦସ୍ୟବୃନ୍ଦ ସହିତ ପଡୋଶୀ ଓ ବିଦ୍ୟାଳୟ ପାଖରେ ଯେଉଁମାନେ ବାସକରନ୍ତି ସେମାନଙ୍କୁ ଅନ୍ତର୍ଭୁକ୍ତ କରେ । କମିସନ୍(୧୯୯୬)ଙ୍କ ଅନୁସାରେ ଶୈକ୍ଷିକ ସୁଧାରର ସଫଳତା ପାଇଁ ଅବଦାନ କରୁଥିବା ମୁଖ୍ୟ ପକ୍ଷଗୁଡିକ ହେଲେ ସର୍ବପ୍ରଥମେ ପିତାମାତା, ବିଦ୍ୟାଳୟ ମୁଖ୍ୟ ଓ ଶିକ୍ଷକବୃନ୍ଦଙ୍କ ସହିତ ସମସ୍ତ ସ୍ଥାନୀୟ ଗୋଷ୍ଠୀ । ଦେଶ ଗୁଡିକ ଯେଉଁଠାରେ ଶୈକ୍ଷିକ ସୁଧାର ପ୍ରକ୍ରିୟା ସଫଳ ହୋଇଛି ସେଠାରେ, ପିତାମାତା, ଶିକ୍ଷକ ଓ ସ୍ଥାନୀୟ ଗୋଷ୍ଠୀ ସମୂହ ନିରବଚ୍ଛିନ୍ନ କଥୋପକଥନ, ବୈଷୟିକ ଓ ଆର୍ଥିକ ସହାୟତା ସମର୍ଥିତ ଅବଧାରିତ ଓ ଅବିରତ ପ୍ରତିଶ୍ରୁତିବଦ୍ଧତା ପ୍ରଦର୍ଶନ କରନ୍ତି । ଏହା ସ୍ପଷ୍ଟ ଯେ ସ୍ଥାନୀୟ ଗୋଷ୍ଠୀ ଯେ କୌଣସି ସଫଳ ସୁଧାର କୌଶଳରେ ସର୍ବଶ୍ରେଷ୍ଠ ଭୂମିକା ନିର୍ବାହ କରନ୍ତି ।

### କେଉଁ ଉପାୟରେ ଗୋଷ୍ଠୀର ଲକ୍ଷଣ / ବୈଶିଷ୍ଟଗୁଡିକ ଶିକ୍ଷାକୁ ପ୍ରଭାବିତ କରେ ?

ଗୋଟିଏ ଗୋଷ୍ଠୀରେ ଥିବା ପିଲାମାନଙ୍କର ଶିକ୍ଷାର ପରିସର, ସ୍ୱରୂପ ଓ ଗୁଣାତ୍ମକତା ଗୋଷ୍ଠୀର ଉଭୟ ଢାଞ୍ଚାଗତ ଓ କାର୍ଯ୍ୟାତ୍ମକ ଲକ୍ଷଣ ନିର୍ଦ୍ଧାରଣ କରେ । ଏହି ପିଲାମାନଙ୍କର ଶିକ୍ଷଣ ପ୍ରକ୍ରିୟାରେ ଗୋଷ୍ଠୀ ଉପାଦାନ ସମୂହ ପ୍ରତିବନ୍ଧକ ବା ସହାୟକ ରୂପେ କାର୍ଯ୍ୟ କରିପାରେ । ବିଦ୍ୟାଳୟରେ ଶିକ୍ଷା କାର୍ଯ୍ୟକ୍ରମ ଓ ପରିକଳ୍ପନା ଗୁଡିକର ଉତ୍ତମ ଯୋଜନା ପ୍ରସ୍ତୁତ ଓ କାର୍ଯ୍ୟକାରିତାରେ ଏହି ଉପାଦାନଗୁଡିକୁ ବୁଝିବା ସାହାଯ୍ୟ କରିପାରେ ଏବଂ ଏହାଦ୍ୱାରା ଗୋଷ୍ଠୀର ବିକାଶ ଉପରେ ଶିକ୍ଷାର ପ୍ରଭାବକୁ ଅଧିକତ୍ତର କରିଥାଏ । ଶିକ୍ଷାକୁ ପ୍ରଭାବିତ କରୁଥିବା ଗୋଷ୍ଠୀର କେତେକ ଗୁରୁତ୍ୱପୂର୍ଣ୍ଣ ଢାଞ୍ଚାଗତ ଓ କ୍ରିୟାତ୍ମକ ଲକ୍ଷଣମାନ ହେଲା ସାମାଜିକ ଜନସଂଖ୍ୟା ଓ ଜାତିଗତ ସମିଶ୍ରଣ, ବୃତ୍ତିଗତ ଢାଞ୍ଚା, ବିଶ୍ୱାସ ପରମ୍ପରା, ପ୍ରଥା ଓ ଐତିହ୍ୟ, ଲିଂଗଗତ ଭୂମିକା, ଭିନ୍ନକ୍ଷମମାନଙ୍କ ଶୈକ୍ଷିକ ମନୋବୃତ୍ତିର ଗୁରୁତ୍ୱ ସଂପର୍କରେ ଅବବୋଧ, କମ୍ ସୁବିଧା ସୁଯୋଗ ପ୍ରାପ୍ତ ବ୍ୟକ୍ତି ବିଶେଷ ଓ ଗୋଷ୍ଠୀରେ ସିଦ୍ଧାନ୍ତ କରିବା ପ୍ରକ୍ରିୟା ଇତ୍ୟାଦି ।

ସ୍ଥାନୀୟ ସାମାଜିକ - ଆର୍ଥିକସ୍ଥିତିକୁ ଖାପଖୁଆଉଥିବା ଭଳି ବିଦ୍ୟାଳୟ ସମୟ, ସମୟନିର୍ଘଣ୍ଟରେ ପରିବର୍ତ୍ତନ ଆଦି ପଦକ୍ଷେପଗୁଡିକ ମାଧମରେ ବିଦ୍ୟାଳୟର ବ୍ୟବସ୍ଥାରେ ବୃହତ୍ତର ନମନୀୟତା ପ୍ରୟୋଗର ସମ୍ଭାବନା ଶିକ୍ଷା ବ୍ୟବସ୍ଥାରେ ବିକେନ୍ଦ୍ରୀକରଣ ସୃଷ୍ଟି କରିଥାଏ । ଶିକ୍ଷା କମିଶନ ୧୯୬୪ - ୬୬ ରୁ ଆରମ୍ଭକରି ଜାତୀୟ ଶିକ୍ଷାନୀତି ୧୯୯୬, କାର୍ଯ୍ୟକାରୀ ନୀତି ୧୯୯୨ ଓ ୭୩ ଏବଂ ୭୪ତମ ସମ୍ବିଧାନ ସଂଶୋଧନ ପର୍ଯ୍ୟନ୍ତ ଗୋଷ୍ଠୀ ଅନ୍ତର୍ଭୁକ୍ତ ସ୍ଥାନୀୟ ସ୍ତର ଯୋଜନା କରିବାରେ ପ୍ରମୁଖ ନୀତି ଆଧାର ହୋଇଆସିଛି ।

ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷା ସ୍ୱାଧୀନତା ପରଠାରୁ ଆମ ଦେଶର ଶିକ୍ଷା ବିକାଶରେ ଏକ ଅଗ୍ରାଧିକୃତ ବିଷୟ ହୋଇ ଆସିଛି । ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷାର ଲକ୍ଷ୍ୟକୁ ଅନୁଭବ କରିବା ନିମିତ୍ତ ଗୋଷ୍ଠୀ ଅଂଶଗ୍ରହଣ ଅପରିହାର୍ଯ୍ୟ ଅଟେ । ଯଦି ଆମେ ସ୍ଥାନୀୟ ଲୋକମାନଙ୍କ ଅଂଶଗ୍ରହଣ କରିବାକୁ ଚାହୁଁ ତେବେ ଆମକୁ ଲୋକମାନଙ୍କୁ ଜାଣିବା, ସେମାନଙ୍କ ସହ ସମ୍ପର୍କ ସ୍ଥାପନ କରିବା ଓ ସେମାନଙ୍କ ପରିସ୍ଥିତି ବିଶ୍ଳେଷଣ କରିବା ଏବଂ ସମସ୍ୟା ଓ କ'ଣ କରିବାକୁ ହେବ ଆଲୋଚନା ଆଦି ଆରମ୍ଭ କରିବାକୁ ହେବ । ଏହି ଭଳି ଏକ ଉଦାହରଣ ହେଲା ରାଜସ୍ଥାନରେ ଶିକ୍ଷାକର୍ମୀ ପ୍ରକଳ୍ପ ଯାହା "ଶୂନ୍ୟତା ପୂରଣ କରିବା" ଶିରୋନମାରେ ବହୁକାଳ ଧରି ଶିକ୍ଷକ ଅନୁପସ୍ଥିତି ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ଦିଷ୍ଟ ।

ଶିକ୍ଷାକର୍ମୀ ପ୍ରକଳ୍ପ ଏକ ପ୍ରକଳ୍ପ ଯାହା ସୁଦୂର ଓ ଅପହଞ୍ଚ ଗ୍ରାମଗୁଡିକରେ ଶିକ୍ଷକ ଅନୁପସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଉଦ୍ଦିଷ୍ଟ ଯେଉଁଥିରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ( ଆନୁଷ୍ଠାନିକ ଭାବେ ଯୋଗ୍ୟ କିନ୍ତୁ ଦୀର୍ଘଦିନ ଧରି ଅନୁପସ୍ଥିତ)ଙ୍କ ସ୍ଥାନରେ ଦୁଇଜଣ ସାଧାରଣ ଗ୍ରାମବାସୀଙ୍କୁ ଚୟନ କରିଯିବ ଯେଉଁମାନେ ପିଲାମାନଙ୍କୁ ଶିକ୍ଷା ଦାନ କରିବା ପାଇଁ ଦାୟୀ ରହିବେ । ସାଧାରଣ ଲୋକଙ୍କ ଅସାଧାରଣ ସାମର୍ଥ୍ୟ ଉପରେ ଏହି ଯୋଜନାଟି ସ୍ପଷ୍ଟ ଭାବେ ନିର୍ଭର କରିଥାଏ । ସାଧାରଣ ଶବ୍ଦଟି ଏହି ଅର୍ଥରେ କୁହାଯାଇଛି ଯେ ମହିଳାମାନଙ୍କ କ୍ଷେତ୍ରରେ କେବଳ ଏକ ଆନୁଷ୍ଠାନିକ ଯୋଗ୍ୟତା ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ହୋଇଥିବା ବେଳେ ପୁରୁଷମାନଙ୍କ ପାଇଁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଟେ । ସେମାନଙ୍କ ଫଳପ୍ରଦ ଶିକ୍ଷାଦାନ ମାଧମରେ, ବିଦ୍ୟାଳୟ / କେନ୍ଦ୍ର ଗୁଡିକୁ ସକରାତ୍ମକ ଓ ଗ୍ରହଣୀୟ ଶିକ୍ଷଣ ସ୍ଥାନଭାବେ ଦେଖିବାରେ ଶିକ୍ଷାକର୍ମୀମାନେ, ପିତାମାତା ଏବଂ ଗୋଷ୍ଠୀକୁ ବାସ୍ତବରେ ଅନୁପ୍ରେରିତ କରିପାରିଛନ୍ତି । ସେମାନଙ୍କ ସନ୍ତାନସନ୍ତତିମାନଙ୍କର ଯତ୍ନନେବା ଏବଂ ଅସୁବିଧା ଅଞ୍ଚଳଗୁଡିକରେ ଝିଅମାନଙ୍କୁ ସୁରକ୍ଷାର ସହ ବିଦ୍ୟାଳୟକୁ ଆଣିବାରେ ମହିଳା ସହଯୋଗୀ ନାମରେ ବୟସ୍କ ମହିଳାମାନଙ୍କ ସେବାକୁ ବିନିଯୋଗ କରିବା ଆଉ ଏକ କଳ୍ପନା ପ୍ରସୁତ ଅଭିନବ ଅବଦାନ । ଏକଦା ଶୂନ୍ୟ ଥିବା ପ୍ରାଥମିକ ବିଦ୍ୟାଳୟ ଘରେ ଏହା ଜୀବନ ଫେରାଇ ଆଣିଛି । ଅନୁଭବ, ସହଯୋଗ ଏବଂ ଆପଣାର ସ୍ତରରେ ଅନ୍ତର୍ଭୁକ୍ତି ଭାବନାକୁ ଧରିରଖିବା ଏକ ଆହ୍ୱାନ ଅଟେ ।

ଶିକ୍ଷାରେ ଗୋଷ୍ଠୀ ଅନ୍ତର୍ଭୁକ୍ତିର ଆଉ ଏକ ଉଦାହରଣ ଆଗକୁ ଚଳାଇବା ("PROPEL") ଯେଉଁଟି ହେଉଛି ଏକ କ୍ରିୟାତ୍ମକ ଗବେଷଣା ପ୍ରକଳ୍ପ ଯାହା ପ୍ରାଥମିକ ବିଦ୍ୟାଳୟଗୁଡିକର ପରିକଳ୍ପନା କରିବା ନିମିତ୍ତ ଗ୍ରାମ୍ୟଗୋଷ୍ଠୀ ଆଗଭର କରିଥାଏ । ଗବେଷଣାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶହେଲା ଯେ ପ୍ରକଳ୍ପର ମାଲିକାନା ଓ ନିୟନ୍ତ୍ରଣ ଗ୍ରାମାବାସୀଙ୍କ ଉପରେ ଥିଲା । ତେଣୁ କାର୍ଯ୍ୟକ୍ରମ ସଫଳତାର ଶ୍ରେୟ ଓ ଯେକୌଣସି ବିଫଳତାର ଦାୟିତ୍ୱ ସେହି ଗ୍ରାମବାସୀଙ୍କର ହେବ ।



(ସମସ୍ତଙ୍କ ପାଇଁ ଶିକ୍ଷା, ଭାରତୀୟ ଦୃଶ୍ୟପଟ୍ଟ)
ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ୧୯୯୩)

ଲୋକ୍ ଜୁମ୍ବସ: ରାଜସ୍ଥାନର ଏକ ପ୍ରକଳ୍ପ, ଯାହାର ରାଜପୁତ ଐତିହାସିକ ଯଥାର୍ଥତା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ । କିନ୍ତୁ ପଛୁଆ ରାଜ୍ୟ ଯାହାର ପାରମ୍ପରିକ ରାଜସ୍ଥାନୀ ସମାଜ ମହିଳାମାନଙ୍କୁ ଘରୁ ବାହାରକୁ ପାଦ

ଟିପ୍ପଣୀ

ଦେବାରେ ସକ୍ରିୟଭାବେ ନିରୁତ୍ସାହିତ କରେ । ପ୍ରକ୍ରିୟାର ପ୍ରତ୍ୟେକ ସ୍ତରରେ ଲୋକମାନଙ୍କର ଜ୍ଞାନ ଓ ଦକ୍ଷତାର ବ୍ୟବାହର କରି ଶିକ୍ଷଣ ନିମିତ୍ତ ଏକ ପରିବେଶ ସୃଷ୍ଟି କରିବାରେ ଲୋକମାନଙ୍କ ପାଇଁ ଓ ଲୋକମାନଙ୍କର ଏକ ଆନ୍ଦୋଳନ ଦ୍ୱାରା ଲୋକମାନଙ୍କର ଉତ୍ତରଦାୟିତ୍ୱ ସୃଷ୍ଟି କରିବା ଥିଲା ଏହି ପ୍ରକଳ୍ପର ମୁଖ୍ୟ ସଫଳତା । ତେଣୁ ପିଲା ଓ ଗୋଷ୍ଠୀ ନିମିତ୍ତ ପ୍ରାସଙ୍ଗିକ ଗୁଣାତ୍ମକ ଶିକ୍ଷାପ୍ରଦାନ କରିବା ପ୍ରକ୍ରିୟାରେ ଶିକ୍ଷକଙ୍କ ଅନ୍ତର୍ଭୁକ୍ତ ପ୍ରକଳ୍ପର ଏକ ମୁଖ୍ୟ ଅଂଶ ଅଟେ ।

ସର୍ବଶିକ୍ଷା ଅଭିଯାନ ମଧ୍ୟ ବିଦ୍ୟାଳୟଗୁଡ଼ିକର ବିକେନ୍ଦ୍ରୀକରଣ ଓ ଗୋଷ୍ଠୀ ମାଲିକାନା ଉପରେ ଗୁରୁତ୍ୱାରୋପ କରିଥାଏ । ବସ୍ତି / ପଡା ସ୍ତରରେ ଯୋଜନା କରିବା ଏବଂ ବିଦ୍ୟାଳୟ କାର୍ଯ୍ୟକ୍ରମକୁ ତଦାରଖ କରିବାରେ ଗୋଷ୍ଠୀ ଆଧାରିତ ପନ୍ଥା ଗ୍ରହଣ କରାଯାଏ । ବିଦ୍ୟାଳୟ ଭିତ୍ତିକ ବହୁବିଧ କାର୍ଯ୍ୟକ୍ରମ ମାଧ୍ୟମରେ ଗୋଷ୍ଠୀ ଅଂଶଗ୍ରହଣ ଲୋଡାଯାଏ ଯାହା ଗୋଷ୍ଠୀ ପାଇଁ ବିଦ୍ୟାଳୟକୁ ଏକ ସାମାଜିକ ଅନୁଷ୍ଠାନ ଭାବରେ ଖୋଲିଦିଏ । ଗୋଷ୍ଠୀ ମାଲିକାନା ଅନୁଭବ ଓ ମନୋବୃତ୍ତି ବ୍ୟତୀତ ଆଉକିଛି ନୁହେଁ । ଏହା ଆମ ବିଦ୍ୟାଳୟର ଏବଂ ଏହା ଆମ ପିଲାମାନଙ୍କ ପାଇଁ କେବଳ ଏକ ଅର୍ଥରେ ନୁହେଁ ବରଂ ସହଭାଗିତା ଓ ଉପଭୋକ୍ତା ଭାବନାରେ ଏହ ସୃଷ୍ଟି ହୋଇଥାଏ ।

**ଗୋଷ୍ଠୀ ମାଲିକାନାର ବିଭିନ୍ନ ସୂଚକଗୁଡିକ ହେଲା:-**

- ଗୋଷ୍ଠୀ ଓ ବିଦ୍ୟାଳୟ ମଧ୍ୟରେ ଦେବାନେବା ସଂପର୍କ ସ୍ଥାପିତ ହୁଏ ।
- ଗୋଷ୍ଠୀଦ୍ୱାରା ଅତ୍ୟାବଶ୍ୟକ କ୍ଷେତ୍ରରେ ବିଦ୍ୟାଳୟ ପାଇଁ ଯତ୍ନନେବା ।
- ବିଦ୍ୟାଳୟର ସମସ୍ତ କାର୍ଯ୍ୟରେ ଗୋଷ୍ଠୀର ଅନ୍ତର୍ଭୁକ୍ତି ।
- ସିଦ୍ଧାନ୍ତ ନେବାରେ, କାର୍ଯ୍ୟକ୍ରମ ହସ୍ତାନ୍ତର କରିବାରେ ଓ ସାମଗ୍ରୀକ ଭାବରେ କହିବାକୁ ଗଲେ ବିଦ୍ୟାଳୟର ଗୁଣାତ୍ମକ ଏବଂ ପରିଣାତ୍ମକ ଦିଗଉପରେ ଗୋଷ୍ଠୀ ଶିକ୍ଷାଦାନ – ଶିକ୍ଷଣ କାର୍ଯ୍ୟଗୁଡିକରେ ଅନ୍ତର୍ଭୁକ୍ତ ହୋଇଥାଏ ସାର୍ବଜନୀନ ପ୍ରାରମ୍ଭିକ ଶିକ୍ଷା ପ୍ରାସଙ୍ଗିକ ଅଟେ । ସାରା ଦେଶରେ ଏହି ପ୍ରାସଙ୍ଗିକତା ବିଭିନ୍ନ ପ୍ରକାର ଗୋଷ୍ଠୀର ସ୍ଥିତି ଯୋଗୁ ଭିନ୍ନଭିନ୍ନ ହୋଇଥାଏ ।

**ନିଜ ଅଗ୍ରଗତି ଆକଳନ -୨**

୧. ସର୍ବଶିକ୍ଷା ଅଭିଯାନ ପରିପ୍ରେକ୍ଷୀରେ ଅତିକମରେ ଦୁଇଟି ଉଦାହରଣ ନେଇ ଗୋଷ୍ଠୀମାଲିକାନା ବର୍ଣ୍ଣନା କର ।

-----------------------------------------------------------------

-----------------------------------------------------------------

-----------------------------------------------------------------

## ୨.୪. ଗୋଷ୍ଠୀ ଓ ବିଦ୍ୟାଳୟର ଭାବ ବିନିମୟ

ଶିକ୍ଷାର ଏକ ସାମାଜିକ ପ୍ରସଙ୍ଗ ରହିଛି ଯେଉଁଥିରେ ଏହାକୁ ନିଶ୍ଚିତ ବୁଝିଯିବା ଉଚିତ । ଆରମ୍ଭରୁ ଏହି ପ୍ରସଙ୍ଗ ସ୍ଥାନୀୟ ଗୋଷ୍ଠୀରେ ପରିଦୃଷ୍ଟ ହୋଇଥାଏ ଯାହା ଶୈକ୍ଷିକ ପ୍ରକ୍ରିୟାକୁ ବୁଝିବା ଓ ଦଗଦର୍ଶନ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଭାରତରେ ଜନବସତି / ପଡାର ପ୍ରକୃତି, ଯାହକୁ ନେଇ ଗୋଷ୍ଠୀ ଗଠିତ ତାହା ଆଧାରରେ ସ୍ଥାନୀୟ ଗୋଷ୍ଠୀ ଗୁଡିକ ଭିନ୍ନଭିନ୍ନ ଅଟନ୍ତି । ପ୍ରକୃତି ବା ସ୍ୱରୂପ ଅନୁସାରେ ବିଭିନ୍ନ ପ୍ରକାର ଗୋଷ୍ଠୀର ଆବଶ୍ୟକତାଗୁଡିକ ଭିନ୍ନଭିନ୍ନ ଅଟେ ।

ଟିପ୍ପଣୀ

**ଗୋଷ୍ଠୀ ଗଠନ:**

ଗୋଷ୍ଠୀର ଢାଞ୍ଚାଗତ ଗଠନ ଶିକ୍ଷାକୁ ଅନେକ ଉପାୟରେ ନିର୍ଦ୍ଧାରଣ କରିଥାଏ । ତେଣୁ ଭିନ୍ନଭିନ୍ନ ଜାତି, ଧର୍ମ ଏବଂ ସଂସ୍କୃତି ଥିବା ବିଷମଜାତୀୟ ଜନସଂଖ୍ୟା ସେହି ଗୋଷ୍ଠୀରେ ଶିକ୍ଷାବ୍ୟବସ୍ଥା ପ୍ରତି ଆହ୍ୱାନ ସୃଷ୍ଟି କରିପାରେ ବା ବିଭିନ୍ନ ଜନସଂଖ୍ୟା ଉପବଳ ମଧ୍ୟରେ ଥିବା ପାରସ୍ପରିକ ସମ୍ବନ୍ଧ ଓ ଐକ୍ୟ ଆଧାରରେ ବ୍ୟବସ୍ଥାର ଅଭିବୃଦ୍ଧି ହୋଇପାରେ । ଜାତି ଓ ସାମାଜିକ ଆର୍ଥିକ ପଦାନୁକ୍ରମିକ ବ୍ୟବସ୍ଥା ନିମ୍ନ ଜାତି ଓ ଗରିବଲୋକମାନଙ୍କୁ ଶିକ୍ଷା ବ୍ୟବସ୍ଥାର ବାହାର କରିଦେଇ ପାରେ । ସଂଖ୍ୟାଲଘୁ ସଂସ୍କୃତି ଓ ଧର୍ମୀୟ ଦଳଗୁଡ଼ିକ ପ୍ରତି ମନୋଭାବ ଏହି ଦଳଗୁଡ଼ିକରେ ଶିକ୍ଷାକୁ ପ୍ରଭାବିତ କରିପାରେ । ଗୋଷ୍ଠୀରେ କୁହାଯାଉଥିବା ଭାଷା ବିଦ୍ୟାଳୟ ଶିକ୍ଷାଦାନ ମାଧ୍ୟମରେ ଏକ ନିର୍ଦ୍ଧାରକ ଭୂମିକା ନିର୍ବାହ କରିବା ଉଚିତ ।

**ବୃତ୍ତିଗତ ଓ ଆର୍ଥିକ ଉପାଦାନ ସମୂହ:**

ବଂଚିବା ପାଇଁ ଅନ୍ୟ ପ୍ରତିଯୋଗୀ ଆବଶ୍ୟକତାଗୁଡ଼ିକ ଯୋଗୁ ଦାରିଦ୍ର୍ୟତା ଅନେକ ପିଲାଙ୍କ ଶିକ୍ଷାର ଗତିରୋଧ କରିପାରେ । ଶିକ୍ଷାରେ ଖର୍ଚ୍ଚ କରିବା ପାଇଁ ଲୋକମାନେ ସମର୍ଥ ହୋଇ ନପାରନ୍ତି ବା ବିଦ୍ୟାଳୟ ପରିବର୍ତ୍ତେ ସେମାନଙ୍କର ପିଲାମାନଙ୍କୁ କାମ ପାଇଁ ପଠାଇବାକୁ ପସନ୍ଦ କରିପାରନ୍ତି ।

**ପ୍ରଥା, ଐତିହ୍ୟ ଏବଂ ବିଶ୍ୱାସ ପ୍ରଣାଳୀ:**

ବିଶ୍ୱାସ ପ୍ରଣାଳୀ ଉପରେ ଆଧାରିତ ଓ ଗଠିତ କରୁଥିବା ଗୋଷ୍ଠୀର ଐତିହ୍ୟ ଓ ପ୍ରଥାଗୁଡ଼ିକ ଗୋଷ୍ଠୀର ପିଲାମାନଙ୍କ ଶିକ୍ଷା ପ୍ରକ୍ରିୟାକୁ ପ୍ରଭାବିତ କରିପାରେ । ଉଦାହରଣ ସ୍ୱରୂପ, ପୂର୍ବଜନ୍ମରେ ପିତାମାତାଙ୍କର ପାପ ଯୋଗୁଁ ଭଗବାନଙ୍କ ଦଣ୍ଡର ଫଳ ସ୍ୱରୂପ ପିଲାମାନେ ଭିନ୍ନକ୍ଷମ ହୁଅନ୍ତି ବୋଲି ଗୋଷ୍ଠୀର ବିଶ୍ୱାସ ଥାଏ, ତେଣୁ ଭିନ୍ନକ୍ଷମ ପିଲାମାନଙ୍କର ଶିକ୍ଷାକୁ ସେମାନେ କର୍ମରେ ଏକ ହସ୍ତକ୍ଷେପ ବୋଲି ବିଚାର କରିପାରନ୍ତି । ଏହି ପିଲା ଓ ସେମାନଙ୍କର ପରିବାରଗୁଡ଼ିକ କଳଙ୍କିତ ହୋଇପାରନ୍ତି ବା ଶିକ୍ଷା ବ୍ୟବସ୍ଥାରୁ ବାଦ ପଡ଼ିପାରନ୍ତି ।

ଲିଙ୍ଗଗତ ଭେଦଭାବ: ଲିଙ୍ଗଗତ ଭୂମିକା ସଂପର୍କରେ ଗୋଷ୍ଠୀର ବିଶ୍ୱାସ ଓ ଅଭ୍ୟାସଗୁଡ଼ିକ ଭେଦଭାବ ପୂର୍ଣ୍ଣ ହୋଇପାରେ ଯାହା ଅତି ପ୍ରାରମ୍ଭରୁ ଝିଅମାନଙ୍କୁ ବିଦ୍ୟାଳୟରୁ ସେମାନଙ୍କୁ ଦୂରେଇ ଦେବା ବା ପ୍ରାରମ୍ଭିକ ପାଠତ୍ୟାଗୀ ହେବାରେ ଅଗ୍ରସର କରାଏ ।

**କମ୍ ସୁବିଧା ସୁଯୋଗ ଓ ଗୁରୁତ୍ୱ ଥିବା ଦଳ ପ୍ରତି ମନୋବୃତ୍ତି:**

ବିଶ୍ୱାସ ପ୍ରଣାଳୀ ଓ ଶୋଷଣକାରୀ ଓ କମ ଗୁରୁତ୍ୱଥିବା ଦଳଗୁଡ଼ିକ ପ୍ରତି ନକାରାତ୍ମକ ମନୋବୃତ୍ତି ଥାଇପାରେ ଯାହା ଶିକ୍ଷା ପ୍ରକ୍ରିୟାରେ ଏହି ଦଳଗୁଡ଼ିକର ଉପଯୁକ୍ତ ଅଂଶଗ୍ରହଣରେ ବାଧାସୃଷ୍ଟି କରିପାରେ ।

ଯେତେବେଳେ ସ୍ଥାନୀୟ ଗୋଷ୍ଠୀର ସ୍ୱରୂପ, ପ୍ରଦାନ କରାଯିବାକୁ ଥିବା ଶୈକ୍ଷିକ ସୁବିଧାର ସ୍ୱରୂପକୁ ନିର୍ଦ୍ଧାରଣ ଓ ପ୍ରଭାବିତ କରିଥାଏ, ସେହିହେତୁରୁ ଶୈକ୍ଷିକ ଅନୁଷ୍ଠାନଗୁଡ଼ିକ ସ୍ଥାନୀୟ ଗୋଷ୍ଠୀକୁ ମଧ୍ୟ ପ୍ରଭାବିତ କରିଥାଏ । ଶିକ୍ଷା ଦୃଷ୍ଟିଭଙ୍ଗୀରୁ ଆମେ ବିଚାର କରିପାରିବା ନାହିଁ ଯେ ବିଦ୍ୟାଳୟ ଏକ ଦ୍ୱୀପ ଯାହାର ବାହ୍ୟ ପୃଥିବୀ ଯଥା ଗୋଷ୍ଠୀ ସହିତ ସଂପର୍କ ନାହିଁ । ଗୋଷ୍ଠୀଠାରୁ ପୃଥକ ସତ୍ତାରେ ବିଦ୍ୟାଳୟଗୁଡ଼ିକ ପରିଚାଳିତ ହୋଇପାରିବ ନାହିଁ ବା ହେବା ଉଚିତ ନୁହେଁ ।

ବିଦ୍ୟାଳୟ ଓ ଗୋଷ୍ଠୀ ମଧ୍ୟରେ ଥିବା ବୃହତ ବ୍ୟବଧାନକୁ କମାଇବା ପାଇଁ ଉଭୟେ ନିକଟତର ହେବା ଉଚିତ । ଏଥିପାଇଁ କଥୋପକଥନ ମୂଳ ଅଟେ । କଥୋପକଥନ କାହା ମାଧ୍ୟରେ କଥୋପକଥନ ବିଦ୍ୟାଳୟ ଓ ଗୋଷ୍ଠୀ

ଟିପ୍ପଣୀ

ମଧ୍ୟରେ । ବିଦ୍ୟାଳୟ ଓ ଗୋଷ୍ଠୀ କ୍ରିୟା ପ୍ରତିକ୍ରିୟା ମାଧ୍ୟମରେ ସକ୍ରୀୟ ବାହକ ଭାବେ ଶିକ୍ଷକ ଏହି କଥୋପକଥନକୁ ସମ୍ଭବ କରିପାରିବେ । ପିଲାମାନଙ୍କ ଶିକ୍ଷଣ ନିମିତ୍ତ ଅବଦାନ କରିବାରେ ଗୋଷ୍ଠୀରେ ପ୍ରତ୍ୟେକ ଦଳ ବିଭିନ୍ନ ଭୂମିକା ନିର୍ବାହ କରୁଥିବାରୁ ସର୍ବୋତ୍ତମ ଅବଦାନ ନିମିତ୍ତ ସେମାନଙ୍କ ମଧ୍ୟରେ ଥିବା ବ୍ୟବଧାନକୁ କମାଇବାକୁ ନିଶ୍ଚିତ ପ୍ରଚେଷ୍ଟା ହେବା ଦରକାର । ଯେତେବେଳେ ଏହି ଦଳଗୁଡିକ ସହଭାଗୀ ହୁଅନ୍ତି, ଶିକ୍ଷା ଅଧିକ ଫଳପ୍ରଦ ଓ ପ୍ରଭାବଶାଳୀ ଭାବେ ଗୋଷ୍ଠୀର ଉନ୍ନତି ନିମିତ୍ତ ସଂଗଠିତ ହୁଏ ।

ଏହିପରିଭାବେ ସ୍ଥାନୀୟ ଗୋଷ୍ଠୀଗୁଡିକ ଏବଂ ଶୈକ୍ଷିକ ସୁବିଧା ସମୂହ ମଧ୍ୟରେ ସଂପର୍କ ପାରସ୍ପରିକ ଓ ବିନିମୟ ଭିତ୍ତିକ ଅଟେ ।

ପିଲାମାନଙ୍କ ମାଧ୍ୟମରେ ବିଦ୍ୟାଳୟ ଓ ଶିକ୍ଷକ ସାମାଜିକ ଆଶା ଓ ଆକାଂକ୍ଷାଗୁଡିକୁ ଅନୁଭବ କରିବାକୁ ଗୋଷ୍ଠୀ ଆଶା କରେ । ଏହି ଉପାୟରେ ଗୋଷ୍ଠୀ ବିଦ୍ୟାଳୟ ଏବଂ ଶିକ୍ଷକ ବା ଶୈକ୍ଷିକ ବ୍ୟବସ୍ଥାକୁ ପ୍ରଭାବିତ କରିଥାଏ । କେବଳ ଗୋଷ୍ଠୀର ନିର୍ଦ୍ଦିଷ୍ଟ ଆବଶ୍ୟକତାଗୁଡିକୁ ନୁହେଁ ବରଂ ଏକ ବୃହତ୍ତର ସମାଜ ବା ସାମଗ୍ରୀଭାବେ ରାଷ୍ଟ୍ରର ଆବଶ୍ୟକତା ଗୁଡିକୁ ମଧ୍ୟ ଦୃଷ୍ଟିରେ ରଖି ଏକ ଶୈକ୍ଷିକ ବ୍ୟବସ୍ଥା ପରିକଳ୍ପିତ ହୋଇଥାଏ ।

ଏକ ଶୈକ୍ଷିକ ବ୍ୟବସ୍ଥା ଏହାର ପାଠ୍ୟକ୍ରମ ମାଧ୍ୟମରେ ନୂତନ ଧାରଣା, ମୂଲ୍ୟବୋଧ ଓ ବ୍ୟବହାରକୁ ନିଶ୍ଚିତ ଧାରଣ କରିବା ଓ ପ୍ରସାର କରିବା ଦରକାର । ଏଥିପାଇଁ ସବୁ ମୂଲ୍ୟବୋଧର ଅନ୍ତର୍ନିର୍ବେଶୀକରଣ ଏକ ବାସ୍ତବତାରେ ପରିଣତ ହୋଇଥାଏ । ପିତାମାତା ଓ ଗୋଷ୍ଠୀର ଅନ୍ୟାନ୍ୟ ସଦସ୍ୟମାନଙ୍କର ବିଦ୍ୟାଳୟ କାର୍ଯ୍ୟକ୍ରମରେ ସହଭାଗିତା ଓ ସକ୍ରିୟ ଅଂଶଗ୍ରହଣ ଶୈକ୍ଷିକ ପ୍ରକ୍ରିୟାରେ ଅଧିକତ୍ତର ସହାୟତା କରିବ । ଗୋଷ୍ଠୀ ନିମିତ୍ତ ଏହିସବୁ ଧାରଣା, ମୂଲ୍ୟବୋଧ, ମନୋବୃତ୍ତି ଇତ୍ୟାଦିକୁ ପ୍ରସାର କରିବା ଗୋଷ୍ଠୀର ସଦସ୍ୟଙ୍କ ସହ ଏହି ସବୁ କ୍ରିୟା ପ୍ରତିକ୍ରିୟାରେ ଶିକ୍ଷକ ଏକ ନେତୃତ୍ୱ ବହନକାରୀ ଭୂମିକା ନିର୍ବାହ କରିବା ଉଚିତ ।

ଶିକ୍ଷାର ମୁଖ୍ୟ ଉପଭୋକ୍ତା ହୋଇଥିବାରୁ ଗୋଷ୍ଠୀକୁ ଶିକ୍ଷା ମାଲିକାନା ଦିଆଯିବା ଉଚିତ ଏବଂ ତଦ୍ୱାରା ଆପଣାରଭାବ ବଢ଼ିଥାଏ ଯାହା ଶୈକ୍ଷିକ କାର୍ଯ୍ୟକ୍ରମର ଯୋଜନା କରିବାରେ, କାର୍ଯ୍ୟକାରୀ କରିବାରେ ତଥା ତଦାରଖ କରିବାରେ ଗୋଷ୍ଠୀ ସଂପୃକ୍ତିକୁ ବୃଦ୍ଧି କରିଥାଏ । ଏକା ସମୟରେ ଏକ ସାମିଲ ହୋଇଥିବା ଗୋଷ୍ଠୀ ବିଦ୍ୟାଳୟକୁ ମାନବୀୟ, ଭୌତିକ ଓ ଆର୍ଥିକ ସମ୍ବଳ ଭଳି ଉପଯୋଗୀ ସମ୍ବଳମାନ ପ୍ରଦାନ କରିବାରେ ସମର୍ଥ ହେବ ।

ଏହାର କେବଳ ଗୋଟିଏ ସର୍ତ୍ତ ଏହି ଯେ ଶିକ୍ଷକ ଗୋଷ୍ଠୀ, ଏହାର ଆବଶ୍ୟକତା ଆକାଂକ୍ଷା ଓ ଅସୁବିଧାଗୁଡ଼ିକୁ ନିଶ୍ଚିତ ବୁଝିବା ଦରକାର । ଯଦି ଶିକ୍ଷକମାନେ ସେହି ଏକା ଗୋଷ୍ଠୀର ବିଜ୍ଞ ସଦସ୍ୟମାନ ହୋଇଥାନ୍ତି, ତେବେ ଏହି ପ୍ରକ୍ରିୟାକୁ ସୁଗମ କରାଯାଇପାରିବ । ଡିଲୋର କମିସନ୍‌ଙ୍କ ମନ୍ତବ୍ୟ : "ଯେତେବେଳେ ଶିକ୍ଷକମାନେ ଶିକ୍ଷାଦାନ କରୁଥିବା ଗୋଷ୍ଠୀର ଏକ ଅଂଶ ହୁଅନ୍ତି, ସେମାନଙ୍କର ସଂପୃକ୍ତି ଅଧିକ ସ୍ପଷ୍ଟଭାବେ ବର୍ଣ୍ଣିତ ହୋଇଥାଏ । ଗୋଷ୍ଠୀ ଗୁଡ଼ିକର ଆବଶ୍ୟକତା ପ୍ରତି ସେମାନେ ଅଧିକ ସମ୍ବେଦନଶୀଳ ଓ ପ୍ରତିକ୍ରିୟାଶୀଳ ଥାଆନ୍ତି ଏବଂ ଗୋଷ୍ଠୀର ଲକ୍ଷ୍ୟ ପ୍ରତି କାମ କରିବାରେ ଭଲଭାବେ ସମର୍ଥ ହୁଅନ୍ତି । ତେଣୁ ବିଦ୍ୟାଳୟ ଏହାର ବ୍ୟକ୍ତିବିଶେଷଙ୍କ ପରିବେଷ ସହିତ ସହ ଜୀବନରେ ସମର୍ଥ ହେବାକୁ ନିଶ୍ଚିତ କରିବାର ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ଉପାୟ ହେଉଛି ବିଦ୍ୟାଳୟ ଓ ଗୋଷ୍ଠୀ ମଧ୍ୟରେ ଥିବା ସଂଯୋଗକୁ ଦୃଢ଼ିଭୂତ କରିବା ।"

ଶିକ୍ଷଣ କାର୍ଯ୍ୟ – ୧

୧ ବିଦ୍ୟାଳୟ ଓ ଗୋଷ୍ଠୀର କ୍ରିୟା ପ୍ରତିକ୍ରିୟାକୁ ଦୃଢ଼ୀଭୂତ କରିବା ପାଇଁ ବିଦ୍ୟାଳୟ ଦ୍ୱାରା ଗ୍ରହଣ କରିବାକୁ ଥିବା କୌଶଳ ଗୁଡ଼ିକର ଏକ ତାଲିକା କର ।

୨ ତୁମ ଦ୍ୱାରା ପ୍ରସ୍ତୁତ କରାଯାଇଥିବା କୌଶଳ ତାଲିକା ଗୁଡ଼ିକୁ ବିଦ୍ୟାଳୟର ଅଧକ୍ଷଙ୍କ ସହ ଆଲୋଚନା କର ।

୩. ଏହାର ଶୈକ୍ଷିକ ଉପାଦେୟତା ଗୁଡ଼ିକୁ ଲେଖ ।

ଟିପ୍ପଣୀ

### ୨.୪.୧ ଶିକ୍ଷାର୍ଥୀମାନଙ୍କ ଭାଷା ବିକାଶରେ ଗୋଷ୍ଠୀର ପ୍ରଭାବ:

ମୌଖିକ ଭାଷାର ବିକାଶ ପିଲାର ସବୁଠାରୁ ଏକ ବାସ୍ତବ ଓ ଉଲ୍ଲେଖନୀୟ ସଂପାଦନ । ପ୍ରାୟ ପ୍ରତ୍ୟେକ ପିଲା ପ୍ରାରମ୍ଭିକ ବୟସରେ ବ୍ୟବହାର ମାଧ୍ୟମରେ ଓ ସମୟ ବାହାରେ ବିନା ଔପଚାରିକ ସୂଚନା ମାଧ୍ୟମରେ ସେମାନଙ୍କ ଭାଷାର ନୀତିନିୟମଗୁଡିକୁ ଶିଖନ୍ତି । ପରିବେଶ ନିଜେ ମଧ୍ୟ ଏକ ମହତ୍ୱପୂର୍ଣ୍ଣ ଉପାଦାନ ଅଟେ । ପିଲାମାନେ ମଧ୍ୟ ନିର୍ଦ୍ଦିଷ୍ଟ ପ୍ରକାରର ଭାଷା (କଥିତ ଭାଷା) ଶିଖନ୍ତି ଯାହା ସେମାନଙ୍କ ଚାରିପଟେ ଲୋକମାନେ କହନ୍ତି ।

ଆମେ ଯେପରି ଜାଣୁ ଯେ ଚାଲିବା ପାଇଁ ଶିଖିବା ପରି କହିବା ପାଇଁ ଶିଖିବା ମଧ୍ୟ ଦୈନନ୍ଦିନ ପରିସ୍ଥିତିରେ ବିକାଶ ଓ ଅଭ୍ୟାସ ନିମିତ୍ତ ସମୟ ଆବଶ୍ୟକ କରେ । ମନେହୁଏ ପିଲାମାନେ କେବଳ କହିବା ପାଇଁ ନୁହେଁ ବରଂ ସାମାଜିକ କ୍ରିୟା ପ୍ରତିକ୍ରିୟା ନିମିତ୍ତ ମଧ୍ୟ ଜନ୍ମ ହୋଇଛନ୍ତି । ଏପରିକି ଶବ୍ଦଗୁଡିକୁ ବ୍ୟବହାର କରିବା ପୂର୍ବରୁ ସେମାନେ ନିଜର ଭାବ ଜଣାଇବା ପାଇଁ କାନ୍ଦିବା ଏବଂ ଅଙ୍ଗଭଙ୍ଗୀକୁ ବ୍ୟବହାର କରନ୍ତି, ଅନ୍ୟମାନେ ଜଣାଉଥିବା ଭାବଗୁଡିକୁ ସେମାନେ ଅନେକ ସମୟରେ ବୁଝନ୍ତି । ଭାଷା ଶିକ୍ଷଣର ବିନ୍ଦୁ ଏବଂ ସାମାଜିକ କ୍ରିୟା ପ୍ରତିକ୍ରିୟା ପରେ ନୀତିଗୁଡିକୁ ଆୟତ କରିବା ନୁହେଁ, ବରଂ ଲୋକମାନଙ୍କ ସହିତ ସଂଯୋଗସ୍ଥାପନ କରିବା ଓ ଅଭିଜ୍ଞତା ଗୁଡିକର ଭାବ ପ୍ରସ୍ତୁତ କରିବା (ୱେଲସ୍ ୧୯୮୬)

ପିଲାମାନେ କେତେବେଳେ ସାମର୍ଥ୍ୟର ବିକାଶ କରନ୍ତି, ଉତ୍ତର ଦେବା ପାଇଁ ସର୍ବଦା ଏହା ଏକ ଜଟିଳ ପ୍ରଶ୍ନ । ସାଧାରଣ ଭାବେ, ପିଲାମାନେ ସେମାନଙ୍କର ୧୨ ଓ ୧୮ ମାସ ବୟସ ମଧ୍ୟରେ ପ୍ରଥମ ଶବ୍ଦମାନ କହନ୍ତି । ଚାରିବର୍ଷରୁ ସାଢେ ଚାରିବର୍ଷ ବୟସରେ ସେମାନେ ଜଟିଳ ବାକ୍ୟମାନ କହିବାକୁ ଆରମ୍ଭ କରନ୍ତି । ଅନ୍ୟ ଦିଗର ବିକାଶ ଭଳି ଭାଷା ଆହରଣ ପ୍ରତ୍ୟାଶାମୂଳକ ନୁହେଁ । ଗୋଟିଏ ପିଲା ୧୦ ମାସ ବୟସରେ ତା'ର ପ୍ରଥମ ଶବ୍ଦ କହିପାରେ, ଅନ୍ୟଜଣେ ୨୦ ମାସ ବୟସରେ । ଗୋଟିଏ ପିଲା ୫ ଓ ୧/୨ ବର୍ଷ ବୟସରେ ଜଟିଳ ବାକ୍ୟ ବ୍ୟବହାର କରିପାରେ, ଅନ୍ୟଜଣେ ୩ ବର୍ଷ ବୟସରେ ।

ପ୍ରାଥମିକ ଶିକ୍ଷା ପ୍ରାଥମିକ ଭାବେ ଭାଷା ଶିକ୍ଷା ଅଟେ ଏବଂ ଭାଷା କେବଳ ସଂସ୍କୃତିର ଏକ ଉପାଦାନ ନୁହେଁ ବରଂ ଏହା ସଂସ୍କୃତିର ବାହକ । ତେଣୁ ଶିଖୁଥିବା ପିଲାର ସାଂସ୍କୃତିକ ପୃଷ୍ଠଭୂମିକୁ ବୁଝିବାରେ ଗୃହଭାଷା ଗୁରୁତ୍ୱ ବହନ କରେ । ବିଦ୍ୟାଳୟ ଭାଷା ଭାବେ ଗୃହଭାଷାର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯିବା ଉଚିତ । ପିଲାର ସହଜାତ ଭାଷା ସାମର୍ଥ୍ୟର ଅଣବ୍ୟବହାର ବିଦ୍ୟାଳୟ ବ୍ୟବସ୍ଥାରୁ ଦୂରେଇ ଦେବା, ଅଂଶ ଗ୍ରହଣ ନକରିବା, ଅଧାରୁ ଛାଡିଦେବା ଏବଂ ଅଧିକ ପରିମାଣରେ ପାଠତ୍ୟାଗୀ ହେବା ଆଦି ଫଳ ସୃଷ୍ଟି କରେ ।

ପିଲାମାନେ ପ୍ରସଙ୍ଗ ନିର୍ଭରଶୀଳ ଚିନ୍ତନଶୈଳୀ ଇଚ୍ଛା କରୁଥିବା ବେଳେ, ବିଦ୍ୟାଳୟ ପ୍ରସଙ୍ଗଭିତ୍ତିକ ସ୍ୱାଧୀନ ଭାବନା ଉପରେ ଗୁରୁତ୍ୱ ଦିଏ । ଅନୁସୂଚତି ଜନଜାତି ପିଲାମାନଙ୍କର ଭାଷା ସେମାନଙ୍କ ଗୋଷ୍ଠୀର ସାମାଜିକ ମନସ୍ତାତ୍ତ୍ୱିକ ପରିବେଶ ଦ୍ୱାରା ଅଧିକମାତ୍ରାରେ ପ୍ରଭାବିତ ଏବଂ ଯେତେବେଳେ ଅନୁସୂଚିତ ଜନଜାତିର ପିଲାମାନେ ପ୍ରଧାନ ଭାଷା ମାଧ୍ୟମରେ ବିଦ୍ୟାଳୟଭୁକ୍ତ ହୁଅନ୍ତି, ସେତେବେଳେ ସେମାନେ ଗୋଷ୍ଠୀର ପ୍ରସଙ୍ଗ ଯୋଗୁଁ ସାମାଜିକ - ମନସ୍ତାତ୍ତ୍ୱିକ ଭାଷା ସମସ୍ୟାର ସାମନା କରନ୍ତି । ଗୋଷ୍ଠୀ ଅନ୍ତର୍ଭୁକ୍ତ ଥିବା ପିଲାର ଭାଷା କିପରି ଗୋଷ୍ଠୀଦ୍ୱାରା ପ୍ରଭାବିତ ହୋଇଥାଏ ତାହାର ଏକ ଘଟଣା ଅଧ୍ୟୟନ ନିମ୍ନରେ ଦିଆଯାଇଛି ।

ଟିପ୍ପଣୀ

ଗୁଡ୍ଡୁଲୁରରେ ଅନୁସୂଚିତ ଜନଜାତିର ପାନୀୟ ଏକ ପ୍ରକାର ଜାତି ଅଟନ୍ତି । ତାମିଲନାଡୁ ସେମାନଙ୍କ ଜନଜାତିର ଭାଷା ପାଇଁ ସାମାଜିକିକରଣ ହୋଇପାରିଛି । ବିଭିନ୍ନ ବ୍ୟାକରଣଗତ ଗଠନ ଥିବା କଥିତ ଓ ଲିଖିତ ତାମିଲ ଭାଷା ସହିତ ଅନାବୃତ ହୁଅନ୍ତି, ଏହା ମନସ୍ତାତ୍ତ୍ୱିକ - ସାମାଜିକ ଭାଷାଭିତ୍ତିକ ମନ୍ଥରତା ଆଡକୁ ଆଗେଇ ନିଏ ।

ଏହି ଘଟଣା ଅଧ୍ୟୟନରୁ ଆସ ବିଶ୍ଳେଷଣ / ନିର୍ଣ୍ଣୟ କରିବା ଯେ ବିଦ୍ୟାଳୟ ଉପଲବ୍ଧିର ଏହି ବିପର୍ଯ୍ୟୟ ତାମିଲ ଭାଷାର ନିଦାନାତ୍ମକ ସ୍ୱରୂପ ପାଇଁ ଆରୋପିତ ହୋଇଥାଏ । ଅଧିକାଂଶ ସ୍ଥାନୀୟ ପିଲା ବିଦ୍ୟାଳୟରୁ ପଳାଇ ଯାଆନ୍ତି କାରଣ ସେମାନେ ସରକାରୀ ଭାଷା କହି ଓ ବ୍ୟବହାର କରିପାରନ୍ତି ନାହିଁ ଯାହା ବିଦ୍ୟାଳୟରେ ଶିକ୍ଷାଦାନର ମାଧ୍ୟମ ରୂପେ ବ୍ୟବହାର ହୋଇଥାଏ ।

ଆମେ ଜାଣୁ ଯେ ବିନା ସହାୟତାରେ ଶିଖିବାକୁଥିବା ଏକ ଅପରିଚିତ ଭାଷା ଦ୍ୱାରା ବିଦ୍ୟାଳୟ ଘେରି ହୋଇ ରହିଥାଏ ଯାହାର ଅର୍ଥ ଏହା ଯେ ପିଲାମାନେ ଜାତୀୟ ଭାଷା / ରାଜ୍ୟ ଭାଷାକୁ ଗ୍ରହଣ କରିପାରନ୍ତି ନାହିଁ ଏବଂ ଶିକ୍ଷଣକୁ ଅତିକ୍ଲିଷ୍ଟ ଭାବରେ ଅନୁଭବ କରନ୍ତି । ଶିକ୍ଷାର୍ଥୀଙ୍କ ଆବଶ୍ୟକତା, ଆଗ୍ରହ, ପାଠ୍ୟକ୍ରମ ଏବଂ ବିଦ୍ୟାଳୟରେ ପରିଚାଳନାଗତ ପ୍ରଣାଳୀଗୁଡ଼ିକରେ ଅନେକ ଶିକ୍ଷାବିଜ୍ଞାନଗତ ଅସନ୍ତୁଳନମାନ ରହିଛି । ତେଣୁ ଅନେକ ପିଲା ଶୀଘ୍ର ଆଗ୍ରହ ହରାନ୍ତି ଓ ବିଦ୍ୟାଳୟ ଛାଡନ୍ତି ଯାହା ଉଚ୍ଚ ପାଠତ୍ୟାଗୀରେ ରୂପାନ୍ତରିତ ହୋଇଥାଏ ।

ଅନେକ ଗୁଡିଏ ଉଦାହରଣ / ଗବେଷଣା ଅଧ୍ୟୟନମାନ ରହିଛି ଯାହା ପ୍ରଦର୍ଶନ କରେ ଯେ ପିଲାମାନେ ଜାଣିଥିବା ସର୍ବୋତ୍ତମ ଭାଷା - ମାତୃଭାଷାରେ ଶିକ୍ଷା ଆରମ୍ଭ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଗୃହ ଓ ବିଦ୍ୟାଳୟ ଭାଷାକୁ ଯୋଡିବା ପାଇଁ କୌଶଳ ଆବଶ୍ୟକ । ଏକ ବୈଷୟିକ ଜ୍ଞାନର ଅଗ୍ରଗତି ଯୁଗରେ ଉଦାରୀକରଣ ପରିପ୍ରେକ୍ଷୀରେ ପିଲାଟିଏ ଅନେକ ଭାଷା ଶିଖିବାକୁ ଆବଶ୍ୟକ କରିଥାଏ ଏବଂ ସେହି ଉପଯୁକ୍ତ କୌଶଳଗୁଡିକ ଗୃହଭାଷାକୁ ସଂଚରିତ ହେବା ପ୍ରକ୍ରିୟା ପାଇଁ ବିକଶିତ ହେବ ଆବଶ୍ୟକ । ଅବଶ୍ୟ ପିତାମାତା, ପିଲା, ସହପାଠୀ ଏବଂ ଶିକ୍ଷକମାନଙ୍କର ସକ୍ରିୟ ଅଂଶଗ୍ରହଣ ଆବଶ୍ୟକ ।

ବିଦ୍ୟାଳୟ ପାଠ୍ୟକ୍ରମରେ ଶିକ୍ଷାର୍ଥୀମାନେ ସେମାନଙ୍କର କଥିତଭାଷା ଉପାଦାନ ଗୁଡ଼ିକୁ ବ୍ୟବହାର କରିବା ପାଇଁ ଶିକ୍ଷକ ଉତ୍ସାହିତ କରିବା ଉଚିତ ଏବଂ ପାଠ୍ୟପୁସ୍ତକ ପ୍ରସ୍ତୁତିବେଳେ ଏହାର ଉପଯୁକ୍ତ ପ୍ରତିଫଳନ ହେବା ଦରକାର । ଦେଶର ଭାଷାଗତ ଓ ସାଂସ୍କୃତିକ ବିଭିନ୍ନତା ଉପରେ ଆଲୋକପାତ କରିବା ଏବଂ ମାତୃଭାଷା ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବା ସମୟର ଆବଶ୍ୟକତା ଅଟେ ଏବଂ ଏହା ଏକ ବୋଝ ନୁହେଁ । ଗ୍ରାମାଞ୍ଚଳର ଶିକ୍ଷାର୍ଥୀମାନଙ୍କର ଏହି ସମସ୍ୟା ଦୂର କରିବାପାଇଁ ଗୃହଭାଷାରେ ଶିକ୍ଷାଦାନ କରିବା କେବଳମାତ୍ର ଉପାୟ ଅଟେ । ବୋଧଗମ୍ୟ ହେଉନଥିବା ମାନକ ଭାଷାଗୁଡିକରେ ଶିକ୍ଷା ଦେବା ପରିବର୍ତ୍ତେ ବରଂ ଭାଷାର ଭିନ୍ନତା ଦୂରକରିବା ପାଇଁ ବିକଳ୍ପ କୌଶଳଗୁଡିକୁ ଆମଙ୍କୁ ଦେଖିବାକୁ ପଡିବ । ଶିକ୍ଷାର ପରବର୍ତ୍ତୀ ସ୍ତରରେ ଏହାକୁ ମାଧ୍ୟମ ରୂପେ ଗ୍ରହଣ କରିବା ପାଇଁ ବିଦ୍ୟାଳୟରେ ଯୋଗାଯୋଗ ଏବଂ ଶୈକ୍ଷିକ ଦକ୍ଷତାଗୁଡିକ ଆହରଣ ନିମିତ୍ତ ଅନ୍ତର୍ନିହିତ କୌଶଳ ସହିତ ମାତୃଭାଷା ଶିକ୍ଷା ପ୍ରଦାନ କରିବାକୁ ଉପଯୁକ୍ତ ଶୈକ୍ଷିକ ପନ୍ଥା ରହିବା ଉଚିତ । ଏହା ଶିକ୍ଷକମାନଙ୍କ ମାନସିକ ଢାଞ୍ଚାରେ ସୁଦୂର ପ୍ରସାରୀ ପରିବର୍ତ୍ତନ ଆବଶ୍ୟକ କରେ କାରଣ ସେମାନେ ପେଶାଦାରୀ ବ୍ୟକ୍ତି ଅଟନ୍ତି ।

**ଗୋଷ୍ଠୀ ଭାଷା ଶିକ୍ଷଣ:** ଏହା ଏକ ପନ୍ଥା ଯେଉଁଥିରେ ଶିକ୍ଷାର୍ଥୀମାନେ ଏକ ଭାଷାର କେଉଁ ଉପାଦାନ ଶିଖିବାକୁ ଚାହାଁନ୍ତି ତାହାର ବିକାଶ ନିମିତ୍ତ ଏକତ୍ର କାର୍ଯ୍ୟ କରନ୍ତି । ଶିକ୍ଷକ ଜଣେ ପରାମର୍ଶଦାତା ଓ ଭାବାନୁବାଦକ ରୂପେ କାର୍ଯ୍ୟ କରନ୍ତି, ସେତେବେଳେ ଶିକ୍ଷାର୍ଥୀ ଜଣେ ସହଯୋଗୀ ଭାବେ କାମକରେ ଯଦିଓ ବେଳେବେଳେ ଏହି ଭୂମିକାରେ ପରିବର୍ତ୍ତନ ହୋଇପାରିବ ।

**ଗୋଷ୍ଠୀ ଭାଷା ଶିକ୍ଷଣରେ ପ୍ରତିବନ୍ଧକ ସମୂହ:**

ବହୁଭାଷୀ ଗୋଷ୍ଠୀରେ ଥିବା ସମୟରେ ବିଭିନ୍ନ ଭାଷା ଶିଖିବାବେଳେ ନିର୍ଦ୍ଦିଷ୍ଟ ପ୍ରତିବନ୍ଧକମାନ ଥାଏ ଯାହାକୁ ଜଣେ ନିଶ୍ଚୟ ସାମନା କରିବ ।

ଏହି ପ୍ରତିବନ୍ଧକଗୁଡିକର କାରଣ ହେଲା ଯେ ବହୁବିଧ ସାଂସ୍କୃତିକ ଗୋଷ୍ଠୀରେ ଭାଷାଶିକ୍ଷଣରେ ସ୍ଥାନୀୟ ଓ ବିଦେଶୀ ଦଳଗୁଡିକ ପ୍ରତ୍ୟେକ ସେମାନଙ୍କ ନିଜ ସାଂସ୍କୃତିକ ରୀତି ଆଧାରରେ ବିଭିନ୍ନ ଉପାୟରେ ଭାବିବେ, କାର୍ଯ୍ୟକରିବେ ଓ ଲେଖିବେ । ଗବେଷଣା ସୂଚୀତ କରେ ଯେ ବହୁବିଧ ସାଂସ୍କୃତିକ ପରିବେଶରେ ଶିକ୍ଷାର୍ଥୀମାନେ ଯେଉଁମାନେ ସେମାନଙ୍କର ସଂସ୍କୃତି ବିଷୟରେ ପରିଚିତ ନୁହଁନ୍ତି ସେମାନେ କମ ଯୋଗାଯୋଗ କରନ୍ତି ।

**ଭାଷା ବିକାଶକୁ ପ୍ରତିପୋଷଣ କରିବା:**

ନିର୍ଦ୍ଦିଷ୍ଟ କୌଶଳଗୁଡିକ ମାଧ୍ୟମରେ ପିତାମାତା, ଯତ୍ନନେବାକାରୀ ଓ ଶିକ୍ଷକମାନେ ଶିକ୍ଷାର୍ଥୀମାନଙ୍କ ଭାଷା ବିକାଶର ପ୍ରତିପୋଷଣ କରିବା ଆବଶ୍ୟକ ଭାଷା ବିକାଶ ସୁଯୋଗ ପରିପୂର୍ଣ୍ଣ ପରିବେଶ ପ୍ରଦାନ ପୂର୍ବକ ଶିକ୍ଷକ ସ୍ୱାଭାବିକ ଭାଷା ବିକାଶ ଧରିରଖିବାରେ ସାହାଯ୍ୟ କରିପାରିବେ । ଏଠାରେ ଶିକ୍ଷକ, ପିତାମାତା ଓ ଅନ୍ୟାନ୍ୟ ଯତ୍ନନେବାକାରୀମାନଙ୍କ ପାଇଁ କେତେକ ସାଧାରଣ ମାର୍ଗଦର୍ଶକ ନୀତି ଦିଆଯାଇଛି ।

- ପ୍ରତ୍ୟେକ ପିଲାଙ୍କ ଭାଷା ଓ କଥିତ ଭାଷା ଯୋଗାଯୋଗ ପାଇଁ ଏକ ବୈଧ ବ୍ୟବସ୍ଥା ରୂପେ ସମ୍ମାନ ପାଇବା ପାଇଁ ଯୋଗ୍ୟ ଏହା ବୁଝିବା ଆବଶ୍ୟକ । ପିଲାର ପରିବାର ଏବଂ ଗୋଷ୍ଠୀର ପରିଚିତି, ମୂଲ୍ୟବୋଧ ଓ ଅଭିଜ୍ଞତାଗୁଡିକୁ ଏହା ପ୍ରତିଫଳିତ କରେ ।

- ପିଲାମାନଙ୍କର ମଧ୍ୟରେ କ୍ରିୟା ପ୍ରତିକ୍ରିୟାକୁ ଉତ୍ସାହିତ କରିବା ଆବଶ୍ୟକ । ବିଶେଷତଃ ମିଶ୍ରିତ ବୟସ ଆଧାରିତ ଦଳରେ ସହପାଠୀ ଶିକ୍ଷଣ ଭାଷା ବିକାଶର ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ । ବିସ୍ତୃତ ପରିସରର ଉପାଦାନ ସଂଶ୍ଳିଷ୍ଟ କାର୍ଯ୍ୟମାନ କଥୋପକଥନଙ୍କୁ ପ୍ରୋତ୍ସାହିତ କରିବା ଉଚିତ । ବ୍ୟକ୍ତିଗତ କାର୍ଯ୍ୟ ଏବଂ ସହଭାଗିତା ଓ ଆଲୋଚନାକୁ ପ୍ରତିପୋଷଣ କରୁଥିବା କାର୍ଯ୍ୟ ଯେପରି ନାଟକୀୟ ଅଭିନୟ, କାଠଗଣ୍ଡିରେ ବିଭିନ୍ନ ନିର୍ମାଣ / ଗଠନ, ପୁସ୍ତକ ବିନିମୟ ଆଦି ମଧ୍ୟରେ ସନ୍ତୁଳିତ ରହିବା ଉଚିତ । ପାଠ୍ୟକ୍ରମର ପ୍ରତ୍ୟେକ କ୍ଷେତ୍ର ଭାଷା ମାଧ୍ୟମରେ ବର୍ଦ୍ଧିତ ହୋଇଥାଏ, ଫଳତଃ ସକ୍ରୀୟ ଶିକ୍ଷାର୍ଥୀ ପରିପୂର୍ଣ୍ଣ ଶ୍ରେଣୀ ଗୃହଗୁଡିକ କ୍ୱଚିତ ନୀରବ ରହିଥାଏ ।

ନିଜ ଅଗ୍ରଗତି ଆକଳନ - ୩

ବି:ଦ୍ର: କ) ତଳେ ଦିଆଯାଇଥିବା ସ୍ଥାନ ତୁମ ଉତ୍ତର ପାଇଁ ଉଦ୍ଦିଷ୍ଟ ।

ଖ) ଭାଗର ଶେଷରେ ଦିଆଯାଇଥିବା ଉତ୍ତର ସହ ତୁମର ତୁଳନା କର ।

୧. ପିଲାମାନଙ୍କ ଶିକ୍ଷା ସଂପର୍କରେ ଗୋଟିଏ ଗୋଷ୍ଠୀର ମୁଖ୍ୟ ଭୂମିକାଗୁଡିକ କ'ଣ ?

--------------------------------------------------------------------------------

--------------------------------------------------------------------------------

----------------------------------------

୨. ଗୋଷ୍ଠୀ ବିଦ୍ୟାଳୟକୁ କିପରି ପ୍ରଭାବିତ କରେ ?

--------------------------------------------------------------------------------

--------------------------------------------------------------------------------

----------------------------------------

ଟିପ୍ପଣୀ

୩. ଗୋଷ୍ଠୀର ଉନ୍ନତି ସାଧନରେ ଶିକ୍ଷକ କିପରି ସାହାଯ୍ୟ କରନ୍ତି ?

---------------------------------------------------------------------------

---------------------------------------------------------------------------

-------------------------------

୨.୪.୨.ଶିକ୍ଷାର୍ଥୀମାନଙ୍କ ସାଂସ୍କୃତିକ ବିକାଶରେ ଗୋଷ୍ଠୀର ପ୍ରଭାବ:

ଶିକ୍ଷାର୍ଥୀମାନଙ୍କ ଭାଷାବିକାଶରେ ଗୋଷ୍ଠୀର ପ୍ରଭାବ ସଂପର୍କରେ ଏବଂ ବିଦ୍ୟାଳୟ ଓ ଗୋଷ୍ଠୀ କ୍ରିୟାପ୍ରତିକ୍ରିୟା କିପରି ଏହାକୁ ଦୃଢୀଭୂତ / ପୁନର୍ବଳନ କରିଥାଏ ତାହା ଆମେ ଆଲୋଚନା କରି ସାରିଛେ । ଆମେ ଭାଷା ବାହାରକୁ ଯାଇ ପାରିବା ଏବଂ ସଂସ୍କୃତି ସହ ସଂଯୋଗ ସ୍ଥାପନ କରିବା ଯାହା ନିଜର ସଂସ୍କୃତିକୁ ପାଳିବା ଓ ଉପଭୋଗ କରିବା ନିମିତ୍ତ ସମସ୍ତ ମଣିଷମାନଙ୍କର ଏକ ମୌଳିକ ଅଧିକାର । ଶିଶୁ ଅଧିକାର ସମ୍ମେଳନର ଧାରା ୨୯ ଅନୁସାରେ ପିଲାର ଶିକ୍ଷା ତା'ର ପିତାମାତାଙ୍କ ପାଇଁ ସମ୍ମାନ, ନିଜର ସାଂସ୍କୃତିକ ପରିଚୟ, ଭାଷା ଏବଂ ମୂଲ୍ୟବୋଧଗୁଡିକର ବିକାଶ ପ୍ରତି ନିର୍ଦ୍ଦେଶିତ ହେବ ।

ଏଥିରୁ ଆମେ ସ୍ପଷ୍ଟ ରୂପେ ଦେଖି ପାରିବା ଯେ ଭାଷା ସଂସ୍କୃତିର ଏକ ବାହକ । ଏହା ସମଗ୍ର ସାଂସ୍କୃତିକ ଐତିହ୍ୟର ଏକ ଅଂଶ ଏବଂ ସଂସ୍କୃତିଠାରୁ ପୃଥକ କରାଯାଇ ପାରିବ ନାହିଁ । କେବଳ ଯେ ପିଲାର ମୌଳିକ ଅଧିକାର ହେତୁ ଆମେ ଏହାକୁ ଅନ୍ତର୍ଭୁକ୍ତ କରିବା ଉଚିତ ତାହା ନୁହେଁ ବରଂ ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଏହା ଉପଯୋଗୀ ଅଟେ ।

ସଂସ୍କୃତିର ଅର୍ଥ:

ଆମେ ସଂସ୍କୃତିର ଅର୍ଥ ସଂପର୍କରେ କଥା ହେବା: ସେ ଶିକ୍ଷିତ ବା ଅଶିକ୍ଷିତ, ଗ୍ରାମ ବା ସହର ର ହୋଇଥାନ୍ତୁ ନା କାହିଁକି ସମାନ ଆଗ୍ରହ ଓ ଉଦ୍ଦେଶ୍ୟଗୁଡିକ ଦ୍ୱାରା ପ୍ରତ୍ୟେକ ଦଳ ଏକତ୍ର ବାନ୍ଧି ହୋଇଥାନ୍ତି ଏବଂ ଏକ ପ୍ରଥାକୁ ଗ୍ରହଣ କରିଥାନ୍ତି ଯାହାକୁ ଲୋକକଥା / ପ୍ରଥା କୁହାଯାଏ । ଲୋକକଳା ହେଉଛି ପାରଂପରିକ ସାଂସ୍କୃତିକ ପରିପ୍ରକାଶ ଯାହା ମାଧ୍ୟମରେ ଏକଦଳ ତାହାର ବିନିମୟୀ ଜୀବନ ଧାରା ରକ୍ଷଣାବେକ୍ଷଣ ଓ ହସ୍ତାନ୍ତର କରିଥାଏ । ସେମାନେ ଗୋଟିଏ ଦଳର ସୌନ୍ଦର୍ଯ୍ୟବୋଧ, ପରିଚୟ ଏବଂ ମୂଲ୍ୟବୋଧର ପରିପ୍ରକାଶ କରନ୍ତି । ପରିବାର, ସାଙ୍ଗସାଥୀ, ପଡୋଶୀ ଏବଂ ସହକର୍ମୀମାନଙ୍କ ମଧ୍ୟରେ ବାଚନିକ ପରଂପରା ବା ଉଦାହରଣ ଦ୍ୱାରା କାର୍ଯ୍ୟ ସଂପାଦନ ମାଧ୍ୟମରେ ଅନୌପଚାରିକ ଭାବରେ ଲୋକକଳା ଶିଖି ହୋଇଥାଏ । ଗୋଟିଏ ଜୀବନ୍ତ ସାଂସ୍କୃତିକ ଐତିହ୍ୟ, ଲୋକକଳା ଅତୀତ ଓ ବର୍ତ୍ତମାନକୁ ସଂଯୋଗ କରେ । ସେମାନେ ନୂଆ ପରିସ୍ଥିତି ଗ୍ରହଣ କରୁଥିବାରୁ, ଲୋକକଳା କଦାପି ସ୍ଥିତିଶୀଳ ନୁହେଁ ପରିବର୍ତ୍ତନୀୟ ତଥାପି ସେମାନେ ସେମାନଙ୍କର ପାରଂପରିକ ଗୁଣାତ୍ମକତା ବଜାୟ ରଖନ୍ତି ।

ମନୁଷ୍ୟ ଅଭିବ୍ୟକ୍ତିର ଏକ ବୃହତ୍ତ ବର୍ଣ୍ଣାଳୀର ପ୍ରତିନିଧିତ୍ୱ ହେଉଛି ସଂସ୍କୃତି ଯାହା ଅନେକ ଉପାୟରେ ଏବଂ କାରଣଗୁଡିକରେ ଅଧ୍ୟୟନ କରାଯାଇପାରିବ । ଏହାର ପ୍ରାଥମିକ ଲକ୍ଷଣ ହେଉଛି ଯେ ଏହାର ଉପାଦାନଗୁଡିକ ସାଂପ୍ରଦାୟିକ - ପାରଂପରିକ କାର୍ଯ୍ୟ ସଂପାଦନରେ ଲୋକମାନଙ୍କ ମଧ୍ୟରେ ଗତିଶୀଳ କ୍ରିୟା ପ୍ରତିକ୍ରିୟାରୁ ପ୍ରତ୍ୟକ୍ଷ ଭାବେ ଆସିବା ମନେ କରାଯାଏ । ଦଳମଧ୍ୟରେ ସମୟକ୍ରମେ ସଂସ୍କୃତିର ଅଭିବୃଦ୍ଧି ଘଟୁଥିବାରୁ ତାହା ସେହି ସାଂସ୍କୃତିକ ଐତିହ୍ୟ, ଭାଷା, ବୃତ୍ତି, ଧର୍ମ ବା ଭୌଗଳିକ କ୍ଷେତ୍ରରେ ବିନିମୟକରେ ଏବଂ ସେହି ଗୃହ ବିକଶିତ ପାରଂପରିକ କାର୍ଯ୍ୟସମୂହ ଦଳର ପରିଚୟ ଓ ପ୍ରତୀକ ନିମିତ୍ତ କାର୍ଯ୍ୟକରେ । ଏହି ପାରଂପରିକ ଆକାରର କାର୍ଯ୍ୟ



ଟିପ୍ପଣୀ

ସଂପାଦନ ମାଧ୍ୟମରେ ଜଣକୁ ଜଣେ ବା ଛୋଟଦଳ ବିନିମୟ ଭିତ୍ତିରେ ଅନୌପଚାରିକ ଭାବେ ଶିଖିଥାନ୍ତି । ଏହା ବ୍ୟକ୍ତିଗତ ଅଟେ କିନ୍ତୁ ଏହା ସାର୍ବଜନୀନ ହୋଇପାରିବ ଯେତେବେଳେ ସେମାନେ ନିଜକୁ ନିଜ ପାଇଁ ଏବଂ ଅନ୍ୟମାନଙ୍କ ପାଇଁ ପରିଚୟ ନିମିତ୍ତ ପ୍ରତୀକସ୍ୱରୂପ ଏହାକୁ ବ୍ୟବହାର କରିବେ । ଲୋକକଥା ପ୍ରଥମେ ଆସେ ଏବଂ ଆମ ସମସ୍ତଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ରୁହେ । ସମ୍ମିଳିତ ବୈଷୟିକ ଜ୍ଞାନ, ବିଜ୍ଞାନ, ଟେଲିଭିଜନ, ଧର୍ମ, ସହରୀକରଣ ଏବଂ ସ୍ଥିରସାକ୍ଷାରତାର ସମ୍ମିଳିତ ସତ୍ତ୍ୱେ ଜୀବନ ସଂପର୍କରେ ଶିଖିବା ଏବଂ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣ ଓ ପରିପକାଶଗୁଡ଼ିକୁ ହସ୍ତାନ୍ତର କରିବାର ଆଧାର ହୋଇଥିବାରୁ ଆମେ ବ୍ୟକ୍ତିଗତ ସମ୍ବନ୍ଧକୁ ପସନ୍ଦ କରୁ ।

**ଜାତୀୟ ଶିକ୍ଷାନୀତି(୧୯୮୬) ଏବଂ କାର୍ଯ୍ୟକାରୀ ନୀତି (୧୯୯୨)**

ପିଲାର ବ୍ୟକ୍ତିତ୍ୱର ବିକାଶ ଏବଂ ତାହାର ଅନ୍ତର୍ନିହିତ ସାମର୍ଥ୍ୟର ଅନ୍ୱେଷଣ ନିମିତ୍ତ ଶିକ୍ଷାର ସାଂସ୍କୃତିକ ପୃଷ୍ଠଭୂମି ଉପରେ ଜାତୀୟ ଶିକ୍ଷାନୀତି ଓ ଏହାର କାର୍ଯ୍ୟକାରୀ ନୀତି ଗୁରୁତ୍ୱ ଦେଇଥାଏ । ଲୋକଗୀତ, ଲୋକକଥା , ପ୍ରହେଳିକା, ସ୍ଥାନୀୟ ଇତିହାସ,ଲୋକଖେଳ ଏବଂ ପୁରାଣ କଥାଗୁଡ଼ିକୁ ଗୋଷ୍ଠୀରୁ ସଂଗ୍ରହ କରିବାପାଇଁ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କୁ ଅନୁପ୍ରାଣୀତ କରିବା ଶିକ୍ଷାର ସାଂସ୍କୃତିକ ପୃଷ୍ଠଭୂମିର ଉଦ୍ଦେଶ୍ୟ ଅଟେ, ଯାହାର ପିଲାର ସାଂସ୍କୃତିକ ବିକାଶ ଓ ସାମଗ୍ରୀକ ବ୍ୟକ୍ତିତ୍ୱର ବିକାଶ ନିମିତ୍ତ ସମୃଦ୍ଧ ଶିକ୍ଷଣ ସାମର୍ଥ୍ୟମାନ ରହିଛି ଏବଂ ଅନ୍ୟମାନଙ୍କ ସହିତ ଅଭିଜ୍ଞତାର ବିନିମୟ ଦ୍ୱାରା ଗୋଷ୍ଠୀରେ ସ୍ୱଶିକ୍ଷଣର ମଧ୍ୟ ଏହା ଏକଉତ୍ସ ଅଟେ । ପିଲାର ସାଂସ୍କୃତିକ ବିକାଶରେ ଗୋଷ୍ଠୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଯଦି ସ୍ଥାନୀୟ ସଂସ୍କୃତିକୁ ନିବିଡଭାବେ ଅଧ୍ୟୟନ କରାଯାଏ, ତେବେ ଏହା ଶିକ୍ଷଣର ଅନ୍ୟ ଏକ କ୍ଷେତ୍ରକୁ ପ୍ରତିଫଳନ କରିବ ଯାହା ଆନୁଷ୍ଠାନିକ ଶିକ୍ଷାର ଭିତ୍ତିଭୂମି ହୋଇପାରିବ । ସ୍ଥାନୀୟ ଇତିହାସର ଲୋକପ୍ରଥା, କଳା, ହସ୍ତକଳା, ଇତ୍ୟାଦିର ପ୍ରଚୁର ଶୈକ୍ଷିକ ସାମର୍ଥ୍ୟ ରହିଛି ଏବଂ ଶିକ୍ଷାଦାନ - ଶିକ୍ଷଣ ପ୍ରକ୍ରିୟାକୁ ଅଧିକ ଉପଭୋଗ କରିବା ନିମିତ୍ତ ଶିକ୍ଷକଙ୍କ ଦ୍ୱାରା ଏହା ବ୍ୟବହାର କରାଯାଇ ପାରିବ ।

**ଜନଜାତି ସାମାଜିକ ଜୀବନ ଏବଂ ଗ୍ରାମରୁ ଉଦାହରଣ ସମୂହ:**

ଉଦାହରଣ ସ୍ୱରୂପ ଜନଜାତି ସାମାଜିକ ଅର୍ଥନୈତିକ ଓ ସାଂସ୍କୃତିକ ଜୀବନରେ ମହୁଲ ଗଛର ଅନେକ ମହତ୍ତ୍ୱମାନ ରହିଛି ଏବଂ ଜୀବନର ବିଭିନ୍ନ କ୍ଷେତ୍ରରେ ଏହାର ଗୁରୁତ୍ୱ ବିଷୟରେ ପିଲାମାନଙ୍କୁ ଶିକ୍ଷାଦାନ କରାଯାଇ ପାରିବ । ଏହି ଗଛର ଫଳ ପରିବା ରୂପରେ ବ୍ୟବହାର ହୋଇଥାଏ ଏବଂ ରନ୍ଧାଯାଇ ତରକାରୀ ଭାବରେ ଖିଆଯାଏ । ଯେତେବେଳେ ମଞ୍ଜିରୁ ତେଲ ବାହାର କରାଯାଇ ବ୍ୟବହାର ହୁଏ, ଏହାର ପିଡିଆ ଶସ୍ୟ କ୍ଷେତ୍ରରେ ସାରରୂପେ ବ୍ୟବହାର କରାଯାଏ । ଏହା ମଧ୍ୟ ଗାଈଗୋରୁମାନଙ୍କ ପାଇଁ ଶୀତ ଦିନେ ଔଷଧରୂପେ ବ୍ୟବହାର ହୁଏ ଯେତେବେଳେ ମଞ୍ଜିକୁ ପୋଡାଯାଏ, ଏଥିରୁ ବାହାରୁଥିବା ଧୂଆଁ  ଯେକୌଣସି ଫୁଲାର ଉପଶମ ପାଇଁ ବ୍ୟବହାର କରାଯାଏ । ଫୁଲରୁ ମଦ ସଂଗ୍ରହ ହୁଏ ଏବଂ ପିଇବା ଉଦ୍ଦେଶ୍ୟକୁ ଛାଡି, ଏହା ଏକ ଜୀବାଣୁନାଶକ ରୂପେ ବ୍ୟବହାର କରାଯାଏ ଏବଂ ଉପଚାରରେ ସାହାଯ୍ୟ କରେ । ଏହାର ଗଣ୍ଡି ମଧ୍ୟ ଜାଳେଣୀକାଠ ପାଇଁ ଘରେ ବ୍ୟବହାର ଉପଯୋଗୀ ଅଟେ ।

ସମଗ୍ର ଗ୍ରାମ୍ୟ ଅର୍ଥନୀତି ମହୁଲଗଛ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ, କାରଣ ଜନଜାତିଙ୍କ ଜୀବନଧାରଣ ଏବଂ ଆୟ ଅଭିବୃଦ୍ଧି ନିମିତ୍ତ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଅଟେ । ପ୍ରତ୍ୟେକ ପରିବାରର ପ୍ରାୟ ୩୦ - ୪୦ ଟି ମହୁଲଗଛ ଥାଏ ଏବଂ ଏହାର ଫୁଲ, ଫଳ, ମଞ୍ଜି ଓ ମଦ ବିକି ସେମାନେ ଟଙ୍କା ରୋଜଗାର କରନ୍ତି ।

ଗାଁର ଲୋକଗୀତ, କଥା, ପ୍ରହେଳିକା ଇତ୍ୟାଦିରେ ଏହି ଗଛ ସୂଚୀତ ହୋଇଥାଏ । ତେଣୁ ଆମେ ଦେଖୁ ଯେ ଏହା ଲୋକମାନଙ୍କର ସୃଜନୀଶୀଳ ପ୍ରବୃତ୍ତିକୁ ଉଜ୍ଜିବିତ କରେ ଏବଂ ସେମାନଙ୍କ ମହନୀୟ ଓ କଳାତ୍ମକ ଭାବକୁ ଅନୁପ୍ରେରିତ କରେ ।

ଟିପ୍ପଣୀ

ଏହା ମଧ୍ୟ ସେମାନଙ୍କ ସାମାଜିକ - ଧାର୍ମିକଜୀବନର ଉତ୍ସବ ସହ ଦୃଢଭାବେ ସଂପର୍କିତ । ଜନଜାତି ବିବାହରେ ଉତ୍ସବ ସଂଗଠିତ ହେଉଥିବା ସ୍ଥାନର କେନ୍ଦ୍ର ସ୍ଥଳରେ ଏହିଗଛର ଡାଳକୁ ପୋତି ଦିଆଯାଏ । ଏହି ଗଛ ପରିବାର ଏବଂ ପ୍ରଜନନ ପ୍ରତିନିଧିତ୍ୱ କରୁଥିବା ଏକ ଶୁଭ ପ୍ରତୀକ ଅଟେ । ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ ଦେବାଦେବୀମାନେ ମହୁଲ ଗଛରେ ବାସ କରନ୍ତି ଏବଂ ସେହି ଦୃଷ୍ଟିରୁ ଏହିଗଛକୁ ପୂଜା କରାଯାଏ ।

ଗଛ, ପୋଖରୀ, ଦେବାଦେବୀ, ଲୋକ ଇତ୍ୟାଦିକୁ ନେଇ ପ୍ରତ୍ୟେକ ଗ୍ରାମର ନିଜସ୍ୱ ସ୍ଥାନୀୟ ଇତିହାସ, ପୁରାଣ କଥା ଏବଂ କିମ୍ବଦନ୍ତୀମାନ ରହିଛି । ଏଗୁଡିକ ଭିତରୁ କେତେକ ପିଲାମାନେ ଜାଣନ୍ତି, ନଚେତ୍ ଶିକ୍ଷକ ସେମାନଙ୍କୁ ସେମାନଙ୍କ ଗ୍ରାମର ଇତିହାସ କହିପାରିବେ । ଏହା ପିଲାମାନଙ୍କୁ ସେମାନଙ୍କ ନିଜସ୍ୱ ସଂସ୍କୃତି ଏବଂ ପ୍ରଥା ବିଷୟରେ ଗର୍ବ ଅନୁଭବ କରିବାରେ ସମର୍ଥ କରାଇବ ।

**ପର୍ବପର୍ବାଣି - ସଂସ୍କୃତିର ଏକ ଭାବ ବିନିମୟ:** ବର୍ଷକ ୧୨ ମାସରେ ଆମେ ପାଳୁଥିବା ବିଭିନ୍ନ ପର୍ବପର୍ବାଣି ବିଷୟରେ ଆସ କଥା ହେବା । ବର୍ଷସାରା ପ୍ରତ୍ୟେକ ଅଞ୍ଚଳ ଏବଂ ପ୍ରତ୍ୟେକ ଗୋଷ୍ଠୀର ନିଜସ୍ୱ ପର୍ବପର୍ବାଣି ଅଛି । ପ୍ରତ୍ୟେକ ଋତୁ ଏବଂ କାରଣକୁ ପାଳିବା ନିମିତ୍ତ ପର୍ବପର୍ବାଣି ଅଛି । ସ୍ୱାଧୀନତା ଦିବସ ଏବଂ ସାଧାରଣତନ୍ତ୍ର ଦିବସ ଭଳି ଜାତୀୟ ପର୍ବପାଳନରେ ଗୋଷ୍ଠୀ ଏବଂ ଅଞ୍ଚଳ ସହିତ କିଛି ସଂପର୍କ ନାହିଁ । କିନ୍ତୁ ବର୍ତ୍ତମାନ ଆମେ ସେହିଭାବନା ଅନେକ ନିର୍ଦ୍ଧିଷ୍ଟ ଧାର୍ମିକ ବା ଗୋଷ୍ଠୀର ପର୍ବପର୍ବାଣିରେ ଦେଖିବାକୁ ପାଇବା । ଏହିଭଳି କେତେକ ପର୍ବପର୍ବାଣି ଅଛି ଯାହା ସବୁ ଜାତି ଓ ଗୋଷ୍ଠୀର ଊର୍ଦ୍ଧ୍ୱରେ ଯଥା ଖ୍ରୀଷ୍ଟମାସ, ଦିୱାଲୀ, ନଭରାତ୍ରୀ / ଦୁର୍ଗାପୂଜା, ଲୋରୀ, ବସନ୍ତପଞ୍ଚମୀ / ସୁଫି ବସନ୍ତ ଏବଂ ଇଦ୍ ଆଦି ।

ଆମେ ଜାଣୁ ଯେ ଚାରିଆଡେ ଭଲପାଇବା ଓ ଖୁସିର ବିସ୍ତୃତି ପାଇଁ ଖ୍ରୀଷ୍ଟମାସ ଖ୍ରୀଷ୍ଟିଆନମାନଙ୍କର ଏକ ସୁନ୍ଦର ପର୍ବ । କିନ୍ତୁ ଏବେ ସମସ୍ତ ବିଦ୍ୟାଳୟ ଏହି ପର୍ବକୁ ଖ୍ରୀଷ୍ଟମାସ ଗଛ ସହ ସଂପୂର୍ଣ୍ଣଭାବେ ପାଳନ କରନ୍ତି । ଖୁସିପାଇଁ ପିଲାମାନଙ୍କୁ ଶାନ୍ତା ଖୁସି ବାଣ୍ଟନ୍ତି ଏବଂ ଖ୍ରୀଷ୍ଟମାସ ଗୀତ ବୋଲନ୍ତି ।

ଏହିପରି ଭାରତରେ ଦୀପାବଳୀ ଏକ ବଡ ପର୍ବ କିନ୍ତୁ ଏହାର ଉପସ୍ଥିତି ଅନ୍ୟଦେଶମାନଙ୍କର ଏହାର ସୌନ୍ଦର୍ଯ୍ୟ ପାଇଁ ଦୃଷ୍ଟିଗୋଚର ହୋଇଥାଏ । ଅମାବାସ୍ୟା ରାତିରେ ମାଟିର ଦୀପ, ମହମବତୀର ସୌନ୍ଦର୍ଯ୍ୟ, ବାଣଫୁଟାଇ ଆନନ୍ଦ ସବୁରି ହୃଦୟକୁ ଆଲୋକିତ କରିଦିଏ, ତେଣୁ ହିନ୍ଦୁ ଓ ଅଣ ହିନ୍ଦୁ ନିର୍ବିଶେଷରେ ପ୍ରତ୍ୟେକ ଘର ଆଲୋକରେ ସଜାଯାଇଥାଏ ଓ ସମସ୍ତେ ଆନନ୍ଦ ଉପଭୋଗ କରନ୍ତି ।

ସେହିପରି ନବରାତ୍ରୀ / ଦୁର୍ଗାପୂଜା ପର୍ବ ବା ଗୁଜୁରାଟର ଦାଣ୍ଡିଆ ନାଚ ସମସ୍ତଙ୍କୁ ଆକୃଷ୍ଟ କରେ । ଏପରିକି ବଙ୍ଗାଳୀମାନଙ୍କର ମହାନ ଦୁର୍ଗାପୂଜା ପର୍ବ ଚାଲୁଥିବା ବେଳେ ମଧ୍ୟ ସେମାନେ ଏଥରେ ସଂପୂର୍ଣ୍ଣ ରୂପେ ସାମିଲ ହୋଇଯାଆନ୍ତି । ସେହିପରି ଆନନ୍ଦ ଓ ରଙ୍ଗର ହୋଲି ସମସ୍ତଙ୍କୁ ନିକଟତର କରିଦିଏ ।

ଇଦ୍ ସମୟରେ ଅଣମୁସଲମାନ ସାଙ୍ଗମାନେ ପର୍ବର ରମଣୀୟତାର ସ୍ୱାଦ ପାଇଁ ଅପେକ୍ଷା କରିଥାନ୍ତି ଯାହାକୁ ସେମାନଙ୍କର ମୁସଲମାନ ସାଙ୍ଗମାନେ ଭଲପାଇବା ଏବଂ ବନ୍ଧୁତ୍ୱର ନିଦର୍ଶନ ଭାବ ଦେବାକୁ କୁଣ୍ଠାବୋଧ କରନ୍ତି ନାହିଁ ।

ଆମେ ସମସ୍ତ ବସନ୍ତ ପଞ୍ଚମୀ ବିଷୟରେ ଜାଣୁ ଯେତେବେଳେ ବସନ୍ତ ଋତୁର ଆଗମନ ପାଇଁ ଦେବୀ ସରସ୍ୱତୀଙ୍କର ପୂଜା କରାଯାଏ । କିନ୍ତୁ ଏହିଦିନ ମୁସଲମାନଙ୍କର ସୁଫି ବସନ୍ତ ମଧ୍ୟ ପାଳନ କରାଯାଏ ଏ କଥା ତୁମେ ଜାଣକି ? ଏହି ସୁଫି ବସନ୍ତ ବିଷୟରେ ଅନେକ ଆଗ୍ରହୋଦ୍ଦୀପକ ଗଳ୍ପମାନ ରହିଛି ।

ସର୍ବୋପରି ପର୍ବପର୍ବାଣିଗୁଡିକ ସମସ୍ତଙ୍କ ପାଇଁ ଆନନ୍ଦ, ଉଲ୍ଲାସ ଏବଂ ଖୁସିର କଥା ଅଟେ । ପରସ୍ପରର ସଂସ୍କୃତି

ପ୍ରତି ଖୁସି, ଭଲପାଇବା, ସହନଶୀଳତା ଏବଂ ସମ୍ମାନ ବୋଧର ଭାବ ଧର୍ମନିରପେକ୍ଷତାକୁ ଦୃଢିଭୂତ କରେ ଏବଂ ପ୍ରତ୍ୟେକ ସଂସ୍କୃତିର ସର୍ବୋତ୍ତମ ଅଭ୍ୟାସଗୁଡିକୁ ଶିଖିବା ପାଇଁ ସକାରାତ୍ମକ ମନୋବୃତ୍ତିର ବିକାଶ କରେ । ଯେକୌଣସି ପର୍ବ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଅବସର ବିନୋଦନ, ସାମାଜିକତା ଏବଂ ଶିକ୍ଷାକୁ ଅନ୍ତର୍ଭୁକ୍ତ କରିଥାଏ ।

**ଗୋଟିଏ ଲୋକଖେଳ:**

କଳାହାଣ୍ଡିର ଗାଁ ଗୁଡିକରେ ଜନଜାତିର ଝିଅମାନଙ୍କ ମଧ୍ୟରେ ଏକ ପାରଂପରିକ ଖେଳ ଖେଳାଯାଏ ଯେଉଁଥିରେ ଝିଅମାନେ ସେମାନଙ୍କର ଅବସର ସମୟରେ ଗାଁ ରାସ୍ତାରେ ଏକତ୍ରୀତ ହୋଇଥାନ୍ତି ଓ ଖେଳନ୍ତି । ଏହିପରି ଉପାୟରେ ଖେଳ ଚାଲେ ଯେ ଝିଅମାନେ ମାଛ ଓ ବିଭିନ୍ନ ଶସ୍ୟର ନାମ ପୁନରାବୃତ୍ତି କରନ୍ତି । ସମସ୍ତେ ଭୂମିକା ନିର୍ବାହ କରିବା ପର୍ଯ୍ୟନ୍ତ ଖେଳଚାଲେ ।

ଖେଳ ମାଧ୍ୟମରେ ପିଲାମାନେ ବିଭିନ୍ନ ପ୍ରକାର ମାଛ ସହିତ ଶସ୍ୟରନାମ ଶିଖି ପାରିବେ । ଏହା ସେମାନଙ୍କୁ ମାଛ, ସେମାନଙ୍କର ବାସସ୍ଥାନ ଖାଦ୍ୟ ଇତ୍ୟାଦି ବିଷୟରେ ଅଧିକ ଶିକ୍ଷା ଦେବା ପାଇଁ ବ୍ୟବହାର କରାଯାଇ ପାରିବ । ସେହିପରି ସେମାନଙ୍କୁ ଶସ୍ୟ, ଋତୁର ନାମ ଏବଂ ମାସ ବିଷୟରେ ଶିକ୍ଷା ଦିଆଯାଇ ପାରିବ, ଯେତେବେଳେ ସେମାନେ ବଡ ହେବେ ଓ ଯେଉଁଠାରେ ସେମାନେ କାମ କରୁଛନ୍ତି ସେ ଅଞ୍ଚଳ ଇତ୍ୟାଦି ବିଷୟରେ ମଧ୍ୟ । ଝିଅମାନେ କେଉଟୁଣୀ ଓ ଗ୍ରାହକମାନଙ୍କ ଭୂମିକା ନିର୍ବାହ କରିପାରିବେ । ସେମାନେ ଶସ୍ୟ ଓ ମାଛର ଏବଂ ଏକକ ବିଷୟରେ ଶିଖିବେ । ଅଭିନୟ କରିବା ଦ୍ୱାରା ଏହା ପିଲାମାନଙ୍କୁ ସେମାନଙ୍କର କଥୋପକଥନ ଦକ୍ଷତା, ପ୍ରଶ୍ନ ପଚାରିବା ଆଦିର ବିକାଶରେ ସାହାଯ୍ୟ କରେ ।

ଜଣେ ଶିକ୍ଷକ ଭାବରେ ବିଦ୍ୟାଳୟ ଅବସ୍ଥିତ ଥିବା ଗୋଷ୍ଠୀର ମିଶ୍ରିତ ସାଂସ୍କୃତିକ ବୋଧଗମ୍ୟତା ବିଷୟରେ ତୁମେ ଜାଣିବା ଉଚିତ । ଏହା ନିମ୍ନୋକ୍ତ କାର୍ଯ୍ୟ ମାଧ୍ୟମରେ କରାଯାଇପାରିବ:-

- ଗୋଷ୍ଠୀରେ ବିବିଧ ସଂସ୍କୃତିର ଭିନ୍ନଭିନ୍ନ ଉପାଦାନଗୁଡିକୁ ଅନ୍ୱେଷଣ କରିବା
- ସଂସ୍କୃତିକୁ ଗଠନ କରିଥିବା ବୈଶିଷ୍ଟ୍ୟ ଏବଂ ଅଭ୍ୟାସଗୁଡିକୁ ବୁଝିବା ଏବଂ ତଦ୍ୱାରା ମିଶ୍ରିତ ସାଂସ୍କୃତିକ ସହନଶୀଳତା ର ଦୃଢିକରଣ କରିବା ଓ ପାର୍ଥକ୍ୟକୁ ପସନ୍ଦ କରିବା ।
- ପ୍ରଭାବିତ ଅବବୋଧ ଏବଂ କପୋଳକଳ୍ପିତ ଧାରଣାକୁ ଦୂରେଇବା ।

ପିଲାମାନଙ୍କୁ ସେମାନଙ୍କର ବୟସ୍କ ଜୀବନ ପାଇଁ ଆବଶ୍ୟକୀୟ ଜ୍ଞାନ ସହିତ ପ୍ରସ୍ତୁତ କର ।

ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମର ବିବିଧ ଉପାଦାନ ଗୁଡିକ ସହ ସ୍ଥାନୀୟ ସଂସ୍କୃତିକୁ ଅନ୍ତର୍ଭୁକ୍ତ କରି ଶିକ୍ଷାର୍ଥୀର ସାଂସ୍କୃତିକ ବିକାଶରେ ବିଦ୍ୟାଳୟ ଓ ଗୋଷ୍ଠୀର ଭାବବିନିମୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । କାରଣ, ଏହା ଜ୍ଞାନ ସହିତ ତୁରନ୍ତ ମୂଲ୍ୟବୋଧ ପ୍ରଦାନକରେ ଏବଂ ଗୋଷ୍ଠୀ ଓ ପିଲାମାନଙ୍କୁ ପ୍ରଦର୍ଶନ କରେ ଯେ ସେମାନଙ୍କ ନିଜ ଜ୍ଞାନ ଓ ବିଶ୍ୱାସ ବାସ୍ତବରେ କେତେକାଂଶରେ ମୂଲ୍ୟବାନ ଅଟେ । ଏହା ମଧ୍ୟ ସେମାନଙ୍କ ନିଜସ୍ୱ ସାଂସ୍କୃତିକ ପରିଚିତି, ତଳସ୍ତରର ନିମ୍ନମାନର ଅନୁଭବ ଏବଂ ଆତ୍ମ ପ୍ରତ୍ୟାଖ୍ୟାନ ଇତ୍ୟାଦି ଯାହା ସାମଗ୍ରୀକ ବ୍ୟକ୍ତିତ୍ୱ ବିକାଶ ପାଇଁ ସହାୟକ ତାହା ସଂପର୍କରେ ଉଚ୍ଚତର ଆତ୍ମସମ୍ମାନବୋଧ ପିଲାମାନଙ୍କ ମଧ୍ୟରେ ସୃଷ୍ଟିକରେ ।

ଶିକ୍ଷାଦାନ, ଶିକ୍ଷଣ ଏବଂ ବିଦ୍ୟାଳୟ – ଗୋଷ୍ଠୀ ସଂପର୍କରେ ପରିବର୍ତ୍ତନ କରିବା ଏହାର ଉଦ୍ଦେଶ୍ୟ ଅଟେ । ଗାଁ ଲୋକମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରିବା ସହିତ ସେମାନଙ୍କ ନିୟମିତ ବିଜ୍ଞାନ ପାଠର ଅଂଶ ସ୍ୱରୂପ ପିଲାମାନେ ପାଖ ଜଙ୍ଗଲକୁ ଉଦ୍ଭିଦ ଓ ପ୍ରାଣୀମାନଙ୍କର ଅଧ୍ୟୟନ ପାଇଁ ଯାଆନ୍ତି । କେତେକ ସ୍ଥାନୀୟ ଗ୍ରାମବାସୀ ବିଶେଷଜ୍ଞ ଭାବେ ସେମାନଙ୍କୁ ସେହି ଗାଁର ଦେଶୀୟ ବିବିଧ ଜାତିର ଉଦ୍ଭିଦକୁ ବୁଝିବାରେ ସାହାଯ୍ୟ କରନ୍ତି । ଏଥି ସହିତ ପାଠ୍ୟକ୍ରମକୁ

ଟିପ୍ପଣୀ

ଦୈନନ୍ଦିନ ଜୀବନ ସହିତ ଯୋଡାଯାଇ ପାରିବ ଏବଂ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣର ବିକାଶ ପାଇଁ ଅଧିକ ବିସ୍ତୃତ ସମ୍ବଳ ସମୂହର ବ୍ୟବହାର କରିବାରେ ଶିକ୍ଷକମାନେ ସମର୍ଥ ହୋଇଥାନ୍ତି ।

ସର୍ବପ୍ରଥମେ କଳା, ନାଚ, ଲୋକଗୀତ ମାଧ୍ୟମରେ ସେମାନଙ୍କ ସଂସ୍କୃତିକୁ ପ୍ରଦର୍ଶିତ କରିବା ପାଇଁ ଗୋଷ୍ଠୀରୁ ପିତାମାତା, ଜେଜେବାପାମାଆଙ୍କୁ ଆମନ୍ତ୍ରିତ କରି ସାଂସ୍କୃତିକ ମେଳା, ଆୟୋଜନ କରାଯାଇପାରିବ ଯାହା ନିଜକୁ ଏବଂ ଶିକ୍ଷାର୍ଥୀମାନଙ୍କୁ ଗୋଷ୍ଠୀର ଭିନ୍ନଭିନ୍ନ ସଂସ୍କୃତି ସହିତ ସୁପରିଚିତ କରାଇବା ପାଇଁ ସୁଯୋଗ ପ୍ରଦାନ କରିବ ।

- ଗୋଷ୍ଠୀର ସମ୍ମାନସ୍ପଦ ସଦସ୍ୟ ଯଥା ଧାର୍ମିକ ନେତା ବା ଜାତି ମୁଖିଆମାନଙ୍କୁ ଶ୍ରେଣୀଗୃହକୁ ପଠାଇ ଗୋଷ୍ଠୀ ଇତିହାସ, ପ୍ରଥା, ରୀତି ଓ ସଂସ୍କୃତି ଯାହା ଗୋଷ୍ଠୀରେ ଐତିହାସିକ ପ୍ରସିଦ୍ଧି ଭାବେ ପାଳିତ ହୋଇଆସୁଛି ସେହି ବିଷୟରେ ବିଦ୍ୟାଳୟ ପ୍ରତି ଗୋଷ୍ଠୀର ଅବଦାନ ରହିପାରିବ ।
- ଶିକ୍ଷାର୍ଥୀମାନଙ୍କୁ ଗୋଷ୍ଠୀଗୁଡିକୁ ପରିଦର୍ଶନ କରିବାକୁ ଦିଅ ଏବଂ ଗାଁର ଇତିହାସ ଓ ଜଙ୍ଗଲ ସଂପର୍କିତ ସମସ୍ୟାମାନ ଉପରେ ପ୍ରଶ୍ନ ପଚାରିବାକୁ କୁହ । ବିଦ୍ୟାଳୟରେ ପଢାଯାଉଥିବା ଧାରଣା ଗୁଡିକୁ ବୁଝିବା ଏବଂ ଗୋଷ୍ଠୀରେ ଯେକୌଣସି ଉପଲବ୍ଧ ସମ୍ବଳର ବ୍ୟବହାରରେ ସେମାନଙ୍କ ବୁଝିବାକୁ ଗୋଷ୍ଠୀ ସଦସ୍ୟମାନେ ସାହାଯ୍ୟ କରିବା ଉଚିତ ।
- ବିଦ୍ୟମାନ ଥିବା ଚକ୍ର, ସେମାନଙ୍କ ବାର୍ଷିକ ଚକ୍ର ବା ଜୀବନ ଚକ୍ର ଅନୁସରଣରେ ପାଠ୍ୟକ୍ରମ ପରିଚାଳନା କରିବା ।
- ସ୍ଥାନୀୟ ପଠନ ଉପକରଣ ପ୍ରସ୍ତୁତିରେ ଗୋଷ୍ଠୀସଦସ୍ୟ ଓ ପିଲାମାନଙ୍କୁ ଅନ୍ତର୍ଭୁକ୍ତି କରିବା ।
- ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହେବାକୁ ଥିବା ଲୋକଗଳ୍ପ, ଖେଳ, ପ୍ରହେଳିକା ଗୀତର ତାଲିକା କରିବା ପାଇଁ ଗୋଷ୍ଠୀର ସଦସ୍ୟ ଓ ପିଲାମାନଙ୍କୁ ସମ୍ପୃକ୍ତ କରିବା
- ସ୍ଥାନୀୟ ଜ୍ଞାନର ସର୍ବୋତ୍ତମ ଅଭ୍ୟାସ ଲିପିବଦ୍ଧକରଣ ଏବଂ ପରିପ୍ରକାଶ କରିବା
- ଶିକ୍ଷାବିଜ୍ଞାନ ଆଧାରିତ ଦକ୍ଷତା ପ୍ରଦାନ ଦ୍ୱାରା ସ୍ଥାନୀୟ ସାଧନ କର୍ମୀମାନଙ୍କୁ ସହାୟତା କରିବା ।

ସ୍ଥାନୀୟ ଜ୍ଞାନ ପାରଂପରିକ ଜ୍ଞାନରେ ସୀମିତ ହେବା ଆବଶ୍ୟକ ନୁହେଁ କିନ୍ତୁ ସ୍ଥାନୀୟ ଉପାୟରେ ନୂତନ ଜ୍ଞାନକୁ ହସ୍ତାନ୍ତରିତ ହେବାକୁ ଏହା ବୁଝାଯିବ ଉଚିତ । ଆମେ ଯଦି ଏହାକୁ ହରାଇବାକୁ ଚାହୁଁନା ତେବେ ନୂତନ ପୀଢିକୁ କିପରି ଏହାକୁ ହସ୍ତାନ୍ତର କରଯାଇପାରିବ ସେଥିପାଇଁ ଆମକୁ ଅଭିନବ ଉପାୟମାନ ବାହାର କରିବାକୁ ପଡିବ ।

ତେଣୁ ଜଣେ ଶିକ୍ଷକ ଭାବରେ ତୁମେ ପାରଂପରିକ ଜ୍ଞାନର ସମ୍ପଦକୁ ଗଳ୍ପ, ଲୋକ କଥା, ବିଶ୍ୱାସ, ଅଭ୍ୟାସ ଏବଂ ଇଚ୍ଛାରତ୍ର ଗୁଡିକ ଆକାରରେ ପ୍ରୋତ୍ସାହନ ପାଇଁ ଏକ ଭିନ୍ନଭିନ୍ନ ସାଂସ୍କୃତିକ ଏବଂ ଜନଜାତି ଗୋଷ୍ଠୀର ଧାର୍ମିକ ନେତାମାନଙ୍କୁ ଆମନ୍ତ୍ରଣ କରି ପୃଷ୍ଠଭୂମି ପ୍ରଦାନ କରିପାରିବ । ବର୍ତ୍ତମାନର ପରିପ୍ରେକ୍ଷୀରେ ଏହି ପାରଂପାରିକ ସଂସ୍କୃତିର ପୁନଃରୁଥାନରେ ବିଦ୍ୟାଳୟ ଓ ଗୋଷ୍ଠୀ ଭାବବିନିମୟ ଏହି ଉପାୟ ସାହାଯ୍ୟ କରିଥାଏ ଏବଂ ପିଲାମାନଙ୍କୁ ସେମାନଙ୍କର ସଂସ୍କୃତିକୁ ଜାଣିବାରେ ସାହାଯ୍ୟ ମଧ୍ୟ କରିଥାଏ ।

ଜାତକ ଗଳ୍ପ, ଲୋକକଥା, ଗୀତ, ପ୍ରହେଳିକା, ଫଳ, ଫୁଲ, ମଞ୍ଜି ଜାଳେଣି କାଠ, ଔଷଧ ଦେବାଦେବୀ ମହୁଲଗଛ ସହିତ ଚିହ୍ନଟ ହୋଇଥିବା ବ୍ୟକ୍ତି ଓ ଧାର୍ମିକ ପ୍ରଥା




ଶିକ୍ଷଣ କାର୍ଯ୍ୟ - ୨

୧. ତୁମ ସ୍ଥାନୀୟ ଗୋଷ୍ଠୀକୁ ପରିଦର୍ଶନ କର ଏବଂ ଯେକୌଣସି ତିନୋଟି ଜ୍ଞାନକୁ ଲୋକଗୀତ, ଲୋକ ଖେଳ ଏବଂ ଲୋକ ଗଳ୍ପ ଆକାରରେ ଚିହ୍ନଟ କରାଯାହାକୁ ତୁମେ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ଚାହିଁବ ।

---------------------------------------------------------------------------------

---------------------------------------------------------------------------------

-----------------------------------------------------------------

## ୨.୪.୩. ଶିକ୍ଷାର୍ଥୀର ଜୀବନ କୌଶଳ ବିକାଶରେ ଗୋଷ୍ଠୀର ପ୍ରଭାବ

ଗୋଟିଏ ଲୋକଗଳ୍ପ:

ପ୍ରତିଦିନ ଗୋଟିଏ କୁକୁଡା ନଦୀକୁ ପାଣି ପିଇବାକୁ ଯାଉଥିଲା । ସେହି ନଦୀରେ ଗୋଟିଏ କୁମ୍ଭୀର ବାସ କରୁଥିଲା । କୁକୁଡା ନଦୀକୁ ଆସି ପାଣି ପିଉଥିବାର କୁମ୍ଭୀର ଦେଖିଥିଲା । ଦିନେ ସେ କୁକୁଡାକୁ ଖାଇବ ବୋଲି ଭାବିଲା । ଯେତେବେଳେ ଭୟଭୀତ କୁକୁଡାଟି କୁମ୍ଭୀରର ମନ୍ଦ ଉଦ୍ଦେଶ୍ୟ ଜାଣି ପାରିଲା ସେ କୁମ୍ଭୀରକୁ ଡାକି କହିଲା "ଭାଇ ମୋ ଉପରେ ଆକ୍ରମଣ କରନାହିଁ", କୁମ୍ଭୀରଟି ଆଶ୍ଚର୍ଯ୍ୟ ହୋଇଗଲା । ସେ ଭାବିଲା ଯେ ସେ କୁକୁଡାକୁ କିପରି ମାରିବ ଯିଏ କି ତାକୁ ଭାଇ କରିଦେଲା । ତେଣୁ ସେ ତାଙ୍କୁ ମୁକ୍ତ କରିଦେବ ବୋଲି ସ୍ଥିର କଲା ।

ପରଦିନ ଯେତେବେଳେ ସେ କୁକୁଡାକୁ ଦେଖିଲା ସ୍ଥିରକଲା ଯେ ଏଥରକ ସେ ତାକୁ ଛାଡିବ ନାହିଁ । କିନ୍ତୁ ଆଉଥରେ କୁକୁଡା ଡାକିଲା "ଭାଇ, ମୋତେ ଖାଅନାହିଁ" ଏଥରକ ମଧ୍ୟ କୁମ୍ଭୀର ଦ୍ୱନ୍ଦରେ ପଡିଲା ଏବଂ କୁକୁଡାକୁ ଖାଇ ପାରିଲା ନାହିଁ । ପରେ ସେ କୁକୁଡାର କଥାକୁ ଚିନ୍ତା କରି ଭାବିଲା ଯେ ସେ କିପରି କୁକୁଡାର ଭାଇ ହେଲା । " ମୁଁ ତ ପାଣିରେ ବାସକରେ ଆଉ ସେ ତ ଭୂମିରେ ବାସକରେ, ତେଣୁ ଆମେ କିପରି ସଂପର୍କୀୟ ହେଲୁ ?" ଏହି ପ୍ରଶ୍ନର ଉତ୍ତର ପାଇବାରେ ଅସମର୍ଥ ହୋଇ ସେ ପୁରା କାହାଣୀଟିକୁ ଗୋଟିଏ ଝିଟିପିଟିକୁ କହିଲା ଓ ପଚାରିଲା ସେ ଏହି ଭାଇଭଉଣୀ ରହସ୍ୟକୁ ସମାଧାନ କରିପାରିବ ତ ? ଚାଲାକ୍ ଝିଟିପିଟି ହଠାତ୍ ଏକ ଉତ୍ତର ଦେଲା । ସେ

କହିଲା "ତୁମେ କ'ଣ ଜାଣନି ଯେ କଇଁଛ, ତୁମେ ଏବଂ ମୁଁ ଅଣ୍ଡାରୁ ଜନ୍ମ? ସେହିପରି କୁକୁଡା. ତେଣୁ ଆମେ ସମସ୍ତେ ଭାଇ ଓ ଭଉଣୀ "। ବର୍ତ୍ତମାନ ସବୁଦିନ ପାଇଁ ଏହି ରହସ୍ୟ ସମାଧାନ ହୋଇଗଲା ଏବଂ କୁମ୍ଭୀର ଅନୁଭବ କଲା ସେ କିପରି କୁକୁଡାର ଭାଇ ସେହି ଦିନଠାରୁ ସେ କଦାପି କୁକୁଡା ଉପରେ ଶିକାର କରେ ନାହିଁ।

ଆସ ଗଳ୍ପର ନିମ୍ନୋକ୍ତ ପ୍ରଶ୍ନଉପରେ ଚିନ୍ତା କରିବା:

- ଗୋଟିଏ ଜନଜାତି ଗୋଷ୍ଠୀରେ ଗଳ୍ପଟି କ'ଣ ପ୍ରତିନିଧିତ୍ୱ କରେ ?
- ଶିକ୍ଷାର୍ଥୀମାନଙ୍କ ଜୀବନ କୌଶଳ ବିକାଶ କରିବା ପାଇଁ ଏହି ଲୋକକଥା ବ୍ୟବହାର କରାଯାଇପାରିବ ବୋଲି ତୁମେ ଅନୁଭବ କରକି । ?
- ଯଦି ହଁ, ତେବେ କେଉଁ ଜୀବନ କୌଶଳ ସଂପର୍କରେ ଗଳ୍ପଟି କହିଥାଏ ।

ଆମେ ଦେଖୁ ଯେ ଉତ୍ତମ ଯୋଗାଯୋଗ, ସକାରାତ୍ମକ ମନୋବୃତ୍ତି ଏବଂ ବ୍ୟକ୍ତିମାନଙ୍କ ପରସ୍ପର ସମ୍ବନ୍ଧୀୟ କୌଶଳ ମାଧମରେ ଗଳ୍ପଟି ବ୍ୟକ୍ତିମାନଙ୍କ ମଧରେ ଦୃଢ ବନ୍ଧନର ବିକାଶକୁ ଉପସ୍ଥାପିତ କରିଥାଏ ଯେଉଁଥିରେ ଲୋକମାନେ ସେମାନଙ୍କର ଆନନ୍ଦ ଏବଂ ଦୁଃଖକୁ ବିନିମୟ କରନ୍ତି ଏବଂ ଏକ ସୁସଂଗତ ସହାବସ୍ଥାନ ଆଡକୁ ଅଗ୍ରସର ହୁଅନ୍ତି ।

ଏବେ ଆମ ମନକୁ ଏକ ପ୍ରଶ୍ନ ନିଶ୍ଚିତ ଆସିପାରେ ଯେ ଜୀବନ କୌଶଳ କ'ଣ ?

ଜୀବନ କୌଶଳ

- ସାମାଜିକ କୌଶଳ / ଦକ୍ଷତା
  - ସ୍ୱସଚେତନତା
  - ଫଳପ୍ରଦ ଯୋଗାଯୋଗ
  - ବ୍ୟକ୍ତିମାନଙ୍କ ମଧ୍ୟରେ ସଂପର୍କ
  - ସମାନୁଭୂତି
- ଚିନ୍ତନ କୌଶଳ / ଦକ୍ଷତା
  - ସୃଜନୀଶୀଳ ଚିନ୍ତନ
  - ନିର୍ଣ୍ଣାୟକ ଚିନ୍ତନ
  - ନିଷ୍ପତ୍ତି ନେବା
  - ସମସ୍ୟା ସମାଧାନ
- ଆବେଗିକ କୌଶଳ / ଦକ୍ଷତା
  - ଆବେଗସହ ଖାପଖୁଆଇବା
  - ଚାପସହ ଖାପଖୁଇବା

**ଜୀବନ କୌଶଳ ଅର୍ଥ:** ଜୀବନ କୌଶଳ ଗ୍ରହଣୀୟ ଏବଂ ସକରାତ୍ମକ ବ୍ୟବହାର ପାଇଁ ସାମର୍ଥ୍ୟ ଯାହା ଦୈନନ୍ଦିନ ଜୀବନର ଆବଶ୍ୟକତା ଓ ଆହ୍ୱାନ ପରିଚାଳନା ନିମିତ୍ତ ବ୍ୟକ୍ତିକୁ ସମର୍ଥ କରାଏ । ଜୀବନ କୌଶଳ ବ୍ୟକ୍ତିଗତ କୌଶଳ / ସାମର୍ଥ୍ୟ ଅଟେ ଯାହା ଆମ ପ୍ରତ୍ୟେକଙ୍କ ପାଖରେ ଅଛି ଏବଂ ତଥାପି ଜୀବନର ଆହ୍ୱାନ ଗୁଡିକୁ ସାମନା କରିବା ପାଇଁ ଏହାର ଅଭିବୃଦ୍ଧି ଆବଶ୍ୟକତା କରୁ । ଜଣେ ନିଜ ବିଷୟରେ ଅନୁଭବ କରିବାର ଉପାୟକୁ ଜୀବନ କୌଶଳର ଫଳପ୍ରଦ ଆହରଣ ପ୍ରଭାବିତ କରିପାରିବ, ଅନ୍ୟ ଜଣେ ମଧ ନିଜର ଉତ୍ପାଦନଶୀଳତା,ସାମାର୍ଥ୍ୟ, ଆତ୍ମସମ୍ମାନ ଏବଂ ଆତ୍ମବିଶ୍ୱାସକୁ ଅଭିବୃଦ୍ଧି କରିପାରିବ । ବ୍ୟକ୍ତିମାନଙ୍କ ମଧ୍ୟରେ ସଂପର୍କରେ ବୃଦ୍ଧି ନିମିତ୍ତ ଏହା ମଧ ସାଧନୀ ଏବଂ କୌଶଳମାନ ପ୍ରଦାନ କରିଥାଏ । ଗୋଷ୍ଠୀରେ ପ୍ରଚଳିତ ଥିବା ଲୋକକଥା, ଲୋକ ରୀତି, ସ୍ଥାନୀୟ ଇତିହାସ, ସ୍ଥାନୀୟ ବିଶ୍ୱାସ ପ୍ରଥା ଏବଂ ବାଛବିଚାର ଆଦି ଯେଉଁଗୁଡିକର

ଟିପ୍ପଣୀ

ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ଆନନ୍ଦ ଦାୟକ ଏବଂ ଫଳପ୍ରଦ କରିବା ପାଇଁ ଯଥେଷ୍ଟ ସାମର୍ଥ୍ୟ ରହିଛି ତାହାର ସଫଳ ବ୍ୟବହାର କରିବା ନିମିତ୍ତ ଜୀବନ କୌଶଳଗୁଡ଼ିକ ଆବଶ୍ୟକ ହୋଇଥାଏ ।

**ଜୀବନ କୌଶଳ ସମୂହର ବର୍ଣ୍ଣନା:**

୧୦ଟି ମୌଳିକ କୌଶଳ ରହିଛି ଯାହାକୁ ମୁଖ୍ୟତଃ ତିନୋଟି ସାଧାରଣ ବିଭାଗର ଯଥା- ଚିନ୍ତନ କୌଶଳ, ସାମାଜିକ କୌଶ. ଆବେଗିକ କୌଶଳ ରୂପେ ଭାଗ କରାଯାଇଛି । ଜଣେ ଶିକ୍ଷକ ଭାବରେ ତୁମେ ପ୍ରତ୍ୟେକ କୌଶଳଗୁଡ଼ିକୁ ସାଧାରଣ ଭାଷା ବ୍ୟବହାର କରି ଓ ସହଜ ଉଦାହରଣମାନ ଦେଇ ବର୍ଣ୍ଣନା କରିବା ଉଚିତ । ଜୀବନ କୌଶଳଗୁଡ଼ିକ ବ୍ୟବହାର ପାଇଁ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଉପସ୍ଥାପିତ ହୋଇଥାଏ । ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଏହି ଜୀବନ କୌଶଳଗୁଡ଼ିକର ବିକାଶ ନିମିତ୍ତ ସୁଯୋଗମାନ ପ୍ରଦାନ କରିବାକୁ ହେବ । ପ୍ରସଙ୍ଗ ଭଳି ପ୍ରକ୍ରିୟା ଗୁରୁତ୍ୱପୂର୍ଣ୍ଣ ଅଟେ । ଆମେ ଆମ ସଂପର୍କରେ ଯେପରି ଅନୁଭବ କରୁ ଓ ଅନ୍ୟମାନେ ଆମକୁ ଯେପରି ବୁଝନ୍ତି ଜୀବନ କୌଶଳ ସେହି ଉପାୟକୁ ପ୍ରଭାବିତ କରିପାରିବ ।

**ଚିନ୍ତନ କୌଶଳ:**

**୧- ସୃଜନୀଶୀଳ ଚିନ୍ତନ:**

- ଆମ ଦୈନନ୍ଦିନ ଜୀବନର ପରିସ୍ଥିତିରେ ଗ୍ରହଣୀୟ ଓ ନମନୀୟ ଭାବେ ପ୍ରତିକ୍ରିୟା ପ୍ରକାଶ କରିବାରେ ସୃଜନୀଶୀଳ ଚିନ୍ତନ ଆମକୁ ସାହାଯ୍ୟ କରେ । ଆମ ପ୍ରତ୍ୟକ୍ଷ ଅନୁଭୂତିର ବାହାରକୁ ଦେଖିବା, ଉପଲବ୍ଧ ବିକଳ୍ପଗୁଡ଼ିକୁ ଅନୁସନ୍ଧାନ କରିବା ଏବଂ ଆମ କ୍ରିୟା ଓ ଅଣକ୍ରିୟାର ବିବିଧ ଫଳାଫଳ ଇତ୍ୟାଦିକୁ ବିଷୟରେ ଅନୁସନ୍ଧାନ କରିବା ନିମିତ୍ତ ଏହା ଉଦ୍ଦିଷ୍ଟ ।
- କାର୍ଯ୍ୟ କରିବାର ନୂତନ ଉପାୟ ଖୋଜିବା ହେଉଛି ସୃଜନଶୀଳ ଚିନ୍ତନ ଯାହା ୪ଟି ଉପାଦାନର ଲକ୍ଷଣ ଅଟେ ।
- ବାକ୍‌ପଟୁତା
- ନମନୀୟତା
- ମୌଳିକତା ଏବଂ
- ବିସ୍ତୃତତା

**୨. ନିର୍ଣ୍ଣାୟକ ଚିନ୍ତନ:**

- ସୂଚନା ଓ ଅଭିଜ୍ଞତାକୁ ଉଦ୍ଦେଶ୍ୟ ଭିତ୍ତିକ ଭାବେ ବିଶ୍ଳେଷଣ କରିବାକୁ ସମର୍ଥ ହେବାରେ ଏବଂ ଆମ ଚିନ୍ତାକୁ ପ୍ରଭାବିତ କରୁଥିବା ଉପାଦାନକୁ ଆକଳନ କରିବାରେ ନିର୍ଣ୍ଣାୟକ ଚିନ୍ତନ ସାହାଯ୍ୟ କରେ ।
- ଆମ ଜୀବନର ଯେକୌଣସି ସଙ୍କଟମୟ / ସିଦ୍ଧାନ୍ତମୂଳକ ନିଷ୍ପତ୍ତି ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଯଥା ମୋ ପାଖରେ କ'ଣ ବିକଳ୍ପ ଅଛି ?
- ପ୍ରତ୍ୟେକ ବିକଳ୍ପ କ'ଣ ଦେଇ ପାରିବ ?
- ଏହା କ'ଣ ପ୍ରକୃତରେ ତାହା, ଯାହା ମୁଁ ଚାହୁଁଛି ?

**୩. ନିଷ୍ପତ୍ତି ନେବା :**

ଟିପ୍ପଣୀ

- ଆମ ଜୀବନ ସଂପର୍କରେ ଗଠନାତ୍ମକ ନିଷ୍ପତ୍ତି ପରିଚାଳାନରେ ନିଷ୍ପତ୍ତି ନେବା ସାହାଯ୍ୟ କରେ ।
- ବିକଳ୍ପ ଗୁଡିକୁ ଆକଳନ କରି ଯଦି କିଶୋରମାନେ ସେମାନଙ୍କ କାର୍ଯ୍ୟ ବିଷୟରେ ସକ୍ରିୟ ନିଷ୍ପତ୍ତି ନିଅନ୍ତି, ତେବେ ଏଗୁଡିକର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ରହିବ ଏବଂ ଭିନ୍ନ ଭିନ୍ନ ବିକଳ୍ପ ଓ ନିଷ୍ପତ୍ତିର ପ୍ରଭାବ ଏଥିରେ ମଧ୍ୟ ଥାଇପାରେ ।

**୪. ସମସ୍ୟା ସମାଧାନ:**

– ସମସ୍ୟା ସମାଧାନ ଦକ୍ଷତା ଆମକୁ ଆମର ସମସ୍ୟାକୁ କେବଳ ନିୟନ୍ତ୍ରଣ କରିବାରେ ସଶକ୍ତ କରାଏ, ତାହା ନୁହେଁ ବରଂ ଏଗୁଡିକୁ ସୁଯୋଗରେ ବଦଳାଇ ଦେଇପାରିବ ।

– ଏହା ନିଷ୍ପତ୍ତି ନେବା ଏବଂ ଆବେଗ ଓ ଚାପ ପରିଚାଳନା କରିବାରେ ମଧ୍ୟ ଅଗ୍ରସର ହୋଇଥାଏ ।

**ସାମାଜିକ ଦକ୍ଷତା ସମୂହ:**

୧. ଆତ୍ମ ସଚେତନତା: ଆମର ସାମର୍ଥ୍ୟ, ଦୁର୍ବଳତା, ମୂଲ୍ୟବୋଧ, ଦୂରଦୃଷ୍ଟି ଚରିତ୍ର, ଆମର ଆବଶ୍ୟକତା, ଇଚ୍ଛା, ଆକାଂକ୍ଷା, ଆମ ନିଜକୁ, ଅନୁଭବ ଯଥା ମୁଁ ଯଦିଓ ଠିକ୍ ନୁହେଁ ତଥାପି ମୁଁ ନିଜକୁ ଭଲପାଏ, ଆଦିକୁ ବୁଝିବାର ଦକ୍ଷତା ହିଁ ଆତ୍ମସଚେତନତା ଅଟେ ।

**୨. ଫଳପ୍ରଦ ଯୋଗାଯୋଗ:**

– ସଂସ୍କୃତି ଦ୍ୱାରା ଗ୍ରହଣୀୟ ଉଭୟ ବାଚନିକ ଓ ଅଣବାଚନିକ ଉପାୟଗୁଡିକରେ ପରିପ୍ରକାଶ କରିବାରେ ସାମର୍ଥ୍ୟ ହିଁ ଫଳପ୍ରଦ ଯୋଗାଯୋଗ ଅଟେ ।

**୩. ବ୍ୟକ୍ତିମାନଙ୍କ ପରସ୍ପର ସଂପର୍କ ସମ୍ବନ୍ଧୀୟ କୌଶଳ:**

– ଏକ ସକରାତ୍ମକ ଉପାୟରେ ଲୋକମାନଙ୍କ ସହିତ ସଂପର୍କିତ ହେବାରେ ଏହା ସାହାଯ୍ୟ କରେ ।

– ଏହାର ଅର୍ଥ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ କରିବା ଏବଂ ରକ୍ଷା କରିବାରେ ସମର୍ଥ ହେବା ଯାହା ଆମର ମାନସିକ ଏବଂ ସାମାଜିକ ସୁସ୍ଥତା ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପାରିବ ।

– ଏହାର ଅର୍ଥ ଗଠନାତ୍ମକ ଭାବେ ସଂପର୍କକୁ ସମାପ୍ତ କରିବାରେ ସମର୍ଥ ହେବା ।

୪. ସମାନୁଭୂତି:

– AIDS ଆକ୍ରାନ୍ତ ଘଟଣା ବା ମାନସିକ ରୋଗଥିବା ବ୍ୟକ୍ତି ଯିଏକି ସେହି ଲୋକମାନଙ୍କ ଦ୍ୱାରା ଅପବାଦ ଏବଂ ବାସନ୍ଦ ହୋଇଥାନ୍ତି ଯାହାଉପରେ ସହାୟତା ପାଇଁ ସେମାନେ ନିର୍ଭର କରନ୍ତି ସେହିପରି ଅନ୍ୟବ୍ୟକ୍ତିର ସମାଧାନ ପ୍ରତି ସମ୍ବେଦନଶୀଳ ହେବା ସାମର୍ଥ୍ୟକୁ ସମାନୁଭୂତି କୁହାଯାଏ ।

**ଆବେଗିକ ଦକ୍ଷତା ସମୂହ :**

**୧. ଆବେଗ ସହ ଖାପଖୁଆଇବା:** ଆମ ଓ ଅନ୍ୟମାନଙ୍କ ଭିତରେ ଆବେଗକୁ ଚିହ୍ନଟ କରିବା, ଆବେଗ ଆମର ବ୍ୟବହାରକୁ କିପରି ପ୍ରଭାବିତ କରେ ସେ ସଂପର୍କରେ ସଚେତନ ହେବା ଏବଂ ଆବେଗ ପ୍ରତି ଉପଯୁକ୍ତ ଭାବେ ପ୍ରତିକ୍ରିୟାଶୀଳ ହେବାରେ ସମର୍ଥ ହେବା ଆଦି ଏଥିରେ ଅନ୍ତର୍ଭୁକ୍ତ ।

– ରାଗ ବା ଦୁଃଖ ପରି ଗଭୀର ଆବେଗ ଆମ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇବ ଯଦି ଆମେ ଏହା ପ୍ରତି ଉପଯୁକ୍ତ ଭାବେ ପ୍ରତିକ୍ରିୟାଶୀଳ ନହେବା ।

ଟିପ୍ପଣୀ

**୨. ଚାପ ସହ ଖାପଖୁଆଇବା:**

– ଚାପ ସହିତ ଖାପଖୁଆଇବା ଅର୍ଥ ଆମ ଜୀବନରେ ଚାପର ଉତ୍ସଗୁଡ଼ିକୁ ଚିହ୍ନଟକରିବା, ଏହା ଆମକୁ କିପରି ପ୍ରଭାବିତ କରେ ତାହା ସହ ପରିଚିତ ହେବା ଏବଂ ଆମର ପରିବେଶ ତଥା ଜୀବନ ଶୈଳୀକୁ ପରିବର୍ତ୍ତନ କରି କିପରି ଚାପମୁକ୍ତ ହେବା ତାହା ଶିଖି ଏପରି ଉପାୟରେ କାର୍ଯ୍ୟ କରିବା ଯାହା ଆମର ଚାପର ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବ ।

ବ୍ୟକ୍ତିଗତ କାର୍ଯ୍ୟାବଳୀ ବା ଅନ୍ୟମାନଙ୍କ କାର୍ଯ୍ୟ ଆଡକୁ ଜୀବନଶୈଳୀ ନିର୍ଦ୍ଦେଶିତ ହୋଇପାରେ ବା କାର୍ଯ୍ୟଗୁଡିକ ପ୍ରତି ପ୍ରୟୋଗ କରାଯାଇ ପାରେ ଯାହା ଏହାକୁ ଅନୁକୂଳ କରିବା ନିମିତ୍ତ ଚତୁଃପାର୍ଶ୍ୱକୁ ବଦଳାଇ ଦେଇପାରେ ।

ଆମେ ଜାଣୁ ଯେ ଭାରତରେ ପିଲାମାନେ ବହୁବିଧ ପରିସ୍ଥିତିରେ ବାସକରନ୍ତି ଏବଂ ସେମାନେ ସାଧାରଣ ଭାବେ ବିକାଶର ଭିନ୍ନଭିନ୍ନ କାର୍ଯ୍ୟମାନ ସାରିବା ନିମିତ୍ତ ଉଭୟ ଅନ୍ତର୍ନିହିତ ଓ ବାହ୍ୟ ମାର୍ଗଦର୍ଶନ ଓ ସହାୟତା ପିତାମାତା, ଶିକ୍ଷକ, ସହପାଠୀ ଓ ସମାଜଠାରୁ ସେମାନେ ଆବଶ୍ୟକ କରନ୍ତି । ଏକ ସୁରକ୍ଷିତ ଓ ସହାୟକ ପରିବେଶ ଏବଂ ସଠିକ୍ ଓ ବୟସ ଉପଯୋଗୀ ତଥ୍ୟ ତଥା ଦକ୍ଷତା ବିକାଶ ପାଇଁ ସେମାନଙ୍କର ଅଧିକାର ଅଛି । ସେମାନଙ୍କୁ ଦାୟିତ୍ୱବାନ୍ ଓ ଉତ୍ପାଦାନକ୍ଷମ ନାଗରିକ କରରିବା ସଙ୍ଗେ ସଙ୍ଗେ ସାମାଜିକ ଅନୁକୂଳ, ସଫଳ ଓ ସମାଜ ପାଇଁ ସମ୍ପଦ ହେବା ନିମିତ୍ତ ଏଗୁଡ଼ିକ ଆବଶ୍ୟକ ହୋଇଥାଏ । ବିକାଶ ଧାରାର ପ୍ରାନ୍ତରେ ଓ ଦୁର୍ବଳ ସ୍ତରରେ ଥିବା ଗୋଷ୍ଠୀର ଅନେକ ପିଲା ଆତ୍ମସମ୍ମାନବୋଧ ଓ ବ୍ୟକ୍ତିବ୍ୟକ୍ତି ମଧ୍ୟରେ ଥିବା ଦକ୍ଷତାର ଅଭାବରୁ ପ୍ରଭାବିତ ହୁଅନ୍ତି । ଗୋଷ୍ଠୀରେ ବିଦ୍ୟମାନ ଥିବା ସାମାଜିକ ସାଂସ୍କୃତିକ ଭିନ୍ନତା କାରଣରୁ ବିଶେଷତଃ ଝିଅମାନଙ୍କ କ୍ଷେତ୍ରରେ ନିମ୍ନମାନର ଆତ୍ମସମାନ ବୋଧଥାଏ ।

**ଜୀବନ କୌଶଳ ଶିକ୍ଷାର ଅର୍ଥ:**

ଶିକ୍ଷାଦାନ ଏବଂ ଶିକ୍ଷଣର ଏକ କ୍ରିୟା ପ୍ରତିକ୍ରିୟା ପ୍ରକ୍ରିୟାକୁ ଜୀବନ କୌଶଳ ଆଧାରିତ ଶିକ୍ଷା ସୂଚିତ କରେ ଯାହା ଜ୍ଞାନ ଆହରଣ, ମନୋବୃତ୍ତି ଏବଂ ଦକ୍ଷତାର ବିକାଶ ନିମିତ୍ତ ଶିକ୍ଷାର୍ଥୀମାନଙ୍କୁ ସମର୍ଥ କରାଏ । ଏହା ମଧ୍ୟ ନିଷ୍ପତ୍ତି ନେବାରେ ଏବଂ ସୁସ୍ଥ ବ୍ୟବହାରର ଅନୁକୂଳନ ନିମିତ୍ତ ସହାୟତା ପ୍ରଦାନ କ୍ଷେତ୍ରରେ ସକାରାତ୍ମକ କାର୍ଯ୍ୟମାନ ଗ୍ରହଣ କରିବା ପାଇଁ ଆବଶ୍ୟକ ହୋଇଥାଏ ।

ଏକ ସହଭାଗୀ ଶ୍ରେଣୀ କାର୍ଯ୍ୟଠାରୁ ଜୀବନ କୌଶଳ ଶିକ୍ଷା ଅଧିକ ଅଟେ । ପିଲାମାନେ ନିଜକୁ ସୁରକ୍ଷିତ ଏବଂ ସୁସ୍ଥ ତଥା ସକରାତ୍ମକ ସଂପର୍କର ବିକାଶ କରିବାରେ ସକରାତ୍ମକ କାର୍ଯ୍ୟ ହାତକୁ ନେବା ନିମିତ୍ତ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଏହା ଏକ ଶକ୍ତିବର୍ଦ୍ଧକ ପନ୍ଥା ।

ଜଣେ ଶିକ୍ଷକ ଭାବରେ ସେମାନଙ୍କର ଜୀବନ କୌଶଳର ଅଭିବୃଦ୍ଧି ନିମିତ୍ତ ଶିକ୍ଷାର୍ଥୀମାନଙ୍କ ସହ କିଛି କାର୍ଯ୍ୟ କରିବାରେ ତୁମେ ପ୍ରସ୍ତୁତ ହେବା ଉଚିତ । ତୁମେ ଜାଣ ଯେ ଆମ ସଂସ୍କୃତି ଲୋକକଥା ଏବଂ ଗଳ୍ପରେ ସମୃଦ୍ଧ ଯାହା ବୌଦ୍ଧିକତା, ଚାତୁର୍ଯ୍ୟ ଓ କୌତୁକର ଏକ ସମୃଦ୍ଧ ଭଣ୍ଡାର । ଗୋଷ୍ଠୀ ସମ୍ପତ୍ତି, ଲୋକକଥାରୁ ଗଳ୍ପମାନ ନେଇ ବିଭିନ୍ନ ଜୀବନ ପରିସ୍ଥିତି ପାଇଁ ଉପଯୁକ୍ତ ସମିଶ୍ରଣରେ ଜୀବନ କୌଶଳ ପ୍ରୟୋଗ ନିମିତ୍ତ ଶିକ୍ଷକ ସାହାଯ୍ୟ କରିପାରିବେ ।

ନିମ୍ନୋକ୍ତ ଏକ ଗଳ୍ପ "ବିରବଲର ରହସ୍ୟ" ନାମରେ ଦିଆଯାଇଛି ।

**ବିରବଲର ରହସ୍ୟ**

ଦିନେ ରାଜା ଆକବରଙ୍କ ଦରବାରକୁ ବିରବଲ ପ୍ରବେଶ କରିବା ବେଳେ ସେ ଦେଖିଲେ ଯେ ସମସ୍ତ ପାରିଷଦ ଖୁସି

ଟିପ୍ପଣୀ

ହେଉଛନ୍ତି ଓ ହସୁଛନ୍ତି । ସେ ରାଜାଙ୍କୁ ପଚାରିଲେ ହେ ମହାନୁଭବ । ସମସ୍ତେ କାହିଁକି ଆନନ୍ଦ ମନରେ ଅଛନ୍ତି ?

ରାଜା କହିଲେ "ବିରବଲ ସେପରି କିଛି ବିଶେଷ କଥାନାହିଁ" ଆମେ ଲୋକମାନଙ୍କର ଚର୍ମର ରଙ୍ଗ ବିଷୟରେ ଆଲୋଚନା କରୁଥିଲୁ । ଆମର ଅଧିକାଂଶ ପାରିଷଦ ଏବଂ ଏପରିକି ମୁଁ ଗୋରା ରଙ୍ଗର ଅଟୁ । ତୁମେ ଆମଠାରୁ ତୁମେ କଳା କାହିଁକି ?

ସବୁବେଳେ ବିରବଲ୍‌ଙ୍କ ପାଖରେ ଉତ୍ତର ପ୍ରସ୍ତୁତ ହୋଇଥାଏ । " ଓଃ, ମୁଁ ଭାବୁଛି ଆପଣ ମୋ ରଙ୍ଗର ରହସ୍ୟ ବିଷୟରେ ଜାଣନ୍ତି ନାହିଁ ।"

" ରହସ୍ୟ, କ'ଣ ଏ ରହସ୍ୟ ?" ରାଜା ଉତ୍କଣ୍ଠିତ ହୋଇ ପଚାରିଲେ ।

" ଅନେକ ଦିନ ପୂର୍ବେ, ଭଗବାନ ପୃଥିବୀକୁ ସୃଷ୍ଟିକଲେ ଏବଂ ତାହାକୁ ଉଦ୍ଭିଦ, ପକ୍ଷୀ ଓ ପଶୁମାନଙ୍କ ଦ୍ୱାରା ପୂରଣ କଲେ । ତେବେ ସେ ସନ୍ତୁଷ୍ଟ ହେଲେନାହିଁ ତେଣୁ ସେ ସମସ୍ତଙ୍କର ସୁନ୍ଦରତା, ଧନସମ୍ପଦ ଏବଂ ମସ୍ତିଷ୍କ ଆଦି ଦାନ କରିବା ପାଇଁ ସ୍ଥିର କେଲେ । ସେ ତାଙ୍କର ନୂତନ ସୃଷ୍ଟିରେ ଖୁସି ହେଲେ । ସେ ଘୋଷଣା କଲେ ଯେ ପ୍ରତ୍ୟେକ ମଣିଷକୁ ପାଞ୍ଚ ମିନିଟ୍ ଦିଆଗଲା, ସେମାନଙ୍କୁ ପସନ୍ଦ ଅନୁସାରେ ଦାନଗୁଡିକୁ ସଂଗ୍ରହ କରିବା ପାଇଁ । ମୁଁ ଗୋଟିଏ ବୁଦ୍ଧି ଏବଂ ଚତୁରତା ପୂର୍ଣ୍ଣ ମସ୍ତିଷ୍କ ସଂଗ୍ରହ କରିବାରେ ବ୍ୟସ୍ତଥିଲି, ତେଣୁ ଅନ୍ୟ ଜିନିଷଗୁଡିକୁ ନେବାରେ ମୋ ପାଖରେ ସମୟ ନଥିଲା । ତୁମେ ସମସ୍ତେ ସୁନ୍ଦରତା, ଏବଂ ଧନସମ୍ପଦ ଏବଂ ଇତିହାସର ଆଉ ସବୁ ସଂଗ୍ରହ କରିବାରେ ବ୍ୟସ୍ତ ଥିଲେ ।"

ଏହାଶୁଣି ସମସ୍ତେ ହଠାତ୍ ଏକ ନିସ୍ତବ୍ଧ ନୀରବତାରେ ରହିଗଲେ । କିନ୍ତୁ ରାଜା ଆକବର ବିରବଲର ପ୍ରତ୍ୟୁତ୍ପନ୍ନମତିତାକୁ ଦେଖି ହସି ଉଠିଲେ ଏବଂ ଚାତୁର୍ଯ୍ୟକୁ ତାରିଫ୍ କଲେ ।

ବର୍ତ୍ତମାନ, ତୁମେ ଏହି ଗଳ୍ପକୁ ବର୍ଣ୍ଣନା କରିବାକୁ ଏକ ପୂର୍ଣ୍ଣ ଅଧିବେଶନ ନେବ ଏବଂ ସେମାନଙ୍କୁ ବୁଝିବାକୁ ପ୍ରସ୍ତୁତ କର ଯେ ଏଥିରେ କେଉଁ ଜୀବନ କୌଶଳ ବ୍ୟବହାର ହୋଇଛି ଏବଂ ଜୀବନ କୌଶଳକୁ କିପରି ଅନ୍ୟ ପରିସ୍ଥିତିରେ ଅଭିବୃଦ୍ଧି କରିହେବ ।

**ଉଦ୍ଦେଶ୍ୟ ସମୂହ:**

ଅଧିବେଶନର ଶେଷରେ ତୁମର ଶିକ୍ଷାର୍ଥୀମାନେ କରିବାକୁ ସମର୍ଥ ହେବେ:

- ମୌଳିକ ଜୀବନ କୌଶଳଗୁଡିକୁ ବୁଝିବାରେ
- ଜୀବନ କୌଶଳ ଗୁଡ଼ିକୁ ଅଭିବୃଦ୍ଧି କରାଯାଇପାରିବ ଏବଂ ଦୈନନ୍ଦିନ ଜୀବନ କାର୍ଯ୍ୟରେ ବ୍ୟାବାହାର କରାଯାଇପାରିବ ବୋଲି ଅନୁଭବ କରିବାରେ

**ସମୟ ୩୫ ମିନିଟ୍**

ଜୀବନ କୌଶଳ ବ୍ୟବହାର କରାଯାଇଛି : ସ୍ୱ ସଚେତନତା, ନିର୍ଣ୍ଣାୟକ ଚିନ୍ତନ, ସୃଜନୀଶୀଳ ଚିନ୍ତନ, ଫଳପ୍ରଦ ଯୋଗାଯୋଗ କରିବାରେ

ଅଗ୍ରୀମ ପ୍ରସ୍ତୁତି: (୧) ଗଳ୍ପର ନକଲ (୨) ୧୦ଟି ଜୀବନ କୌଶଳର ଚାର୍ଟ

ସଂପର୍କ: ତୁମେ ଏହି ଗଳ୍ପକୁ ଅନ୍ୟ ଗଳ୍ପ, ଲୋକକଥା, ଗୋଷ୍ଠୀର ବାସ୍ତବ ଜୀବନ ଘଟଣା ସହ ସଂପର୍କିତ

କରିପାରିବ ।

ପଦ୍ଧତି: ଗଳ୍ପ କଥନ, ଆଲୋଚନା, ପ୍ରଶ୍ନୋତ୍ତର

ସୋପାନ: ୧. ଶିକ୍ଷାର୍ଥୀମାନଙ୍କୁ ଅଭିନନ୍ଦିତ କରି କୁହ ଯେ ଆମଦେଶ ଗଳ୍ପ ସମୂହର ଏକ ଗନ୍ତାଘର ଯାହା ଅତ୍ୟନ୍ତ ଶିକ୍ଷଣୀୟ ଓ ଆଗ୍ରହୋଦ୍ଦୀପକ । ଆଜି ସେମାନେ ଏକ ଆଗ୍ରହୋଦ୍ଦୀପକ ଗପ ପଢିବେ ।

ସୋପାନ: ୨. ତୁମ ଶିକ୍ଷାର୍ଥୀମାନଙ୍କ ଆଗରେ ଯତ୍ନର ସହ ଗପଟିକୁ ପଢ ଏବଂ ସେମାନଙ୍କୁ ମନଦେଇ ଶୁଣିବାକୁ କୁହ ।

ସୋପାନ: ୩. ଗପଟିକୁ ପଢିସାରିବା ପରେ ଶିକ୍ଷାର୍ଥୀମାନଙ୍କୁ ଏହା ଉପରେ ଚିନ୍ତନ କରିବାକୁ କୁହ ଏବଂ ନିମ୍ନୋକ୍ତ ପ୍ରଶ୍ନଗୁଡିକୁ ଶିକ୍ଷାର୍ଥୀମାନଙ୍କୁ ପଚାର ।

୧. ଏହି ଗପଟିରୁ ତୁମେ କ'ଣ ବୁଝିଲ ?

୨. ପ୍ରତ୍ୟେକଙ୍କୁ କିଛି ବାଛିବା ପାଇଁ ଭଗବାନ କେତେବେଳେ ପଚାରିଲେ, କାହିଁକି ବିରବଲ ମସ୍ତିଷ୍କକୁ ପସନ୍ଦ କଲେ ?

୩. କେଉଁଟି ଗୁରୁତ୍ୱପୂର୍ଣ୍ଣ ବୋଲି ତୁମେ ଭାବୁଛ – ସୁନ୍ଦର ଗଢଣ ବା ମସ୍ତିଷ୍କ ଏବଂ କାହିଁକି ?

ସୋପାନ: ୪ କରତାଳି ଦେଇ ପିଲାମାନଙ୍କୁ ପ୍ରଶଂସା କର ଏବଂ ସେମାନଙ୍କୁ କୁହ ଯେ ଆମ ଦୈନନ୍ଦିନ ଜୀବନରେ ସମସ୍ତଙ୍କ ଦ୍ୱାରା ଜୀବନ କୌଶଳଗୁଡିକ ବ୍ୟବହାର ହୋଇଥାଏ, ବିଭିନ୍ନ ଲୋକ କଥା, ଲୋକ ଗଳ୍ପ ଏବଂ କେତେକ ବ୍ୟକ୍ତିଙ୍କ ବାସ୍ତବ ଜୀବନ ଘଟଣା ମାଧ୍ୟମରେ ଆମେ ଜୀବନ କୌଶଳ ବିଷୟରେ ଅଧିକ ଶିଖିପାରିବା ।

ସୋପାନ : ୫ କେତେକ ଚତୁର ଗଳ୍ପ କହିବା ଏବଂ କେତେକ ଆଗ୍ରଦ୍ଦୀପକ ଆଲୋଚନା କରିବା ପାଇଁ ତୁମେ ତୁମ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କର ।

ଶିକ୍ଷଣ କାର୍ଯ୍ୟ : ୩

ଗୋଷ୍ଠୀର ଏକ ଲୋକକଥା ବା ଏକ ବାସ୍ତବ ଜୀବନ ଘଟଣା ଚିହ୍ନଟ କରି / ବାଛି ତୁମ ଶିକ୍ଷାର୍ଥୀମାନଙ୍କର ଜୀବନ କୌଶଳ ଅଭିବୃଦ୍ଧି ପାଇଁ ଉପରୋକ୍ତ ସୂଚିତ ପ୍ରଣାଳୀରେ ଏକ ଅଧିବେଶନ ନିଅ ଏବଂ ନିମ୍ନୋକ୍ତ ଦିଗ ଆଧାରରେ ଏକ ବିବରଣୀ ପ୍ରସ୍ତୁତ କର ।

୧. ଅଧିବେଶନ ପାଇଁ ତୁମେ କେଉଁ ଗଳ୍ପ ବ୍ୟବହାର କଲ ? ସେହି ଗଳ୍ପ ଉପରେ ଏକ ସଂକ୍ଷିପ୍ତ ଲେଖା ପ୍ରସ୍ତୁତ କର ।

୨. ଏହି ଗଳ୍ପରେ କେଉଁ ଜୀବନ କୌଶଳଗୁଡିକ ବ୍ୟବହାର ହୋଇଥିଲା ?

୩. ତୁମେ ଭାବିଥିବା ଉପସିତ୍ ପ୍ରତିକ୍ରିୟାଗୁଡିକ ସହିତ ପିଲାମାନେ ଆସିପାରିଥିଲେକି ?

୪. ସେମାନଙ୍କ ପାଠ୍ୟକ୍ରମ ସହିତ ଏହାକୁ ତୁମେ ସମନ୍ୱିତ କଲକି ?

**୨.୫ ସାରାଂଶ:**

ଗୋଷ୍ଠୀର ଧାରଣା ସହିତ ତୁମକୁ ପରିଚିତ କରିବା ଏବଂ ବିଭିନ୍ନ ଗଠନାତ୍ମକ ଓ କାର୍ଯ୍ୟାତ୍ମକ ଲକ୍ଷଣଗୁଡିକରୁ କିପରି ଗୋଷ୍ଠୀକୁ ବୁଝିବା ନିମିତ୍ତ ଏହି ଏକକଟି ପ୍ରଚେଷ୍ଟା କରିଛି । ବିଶେଷତଃ ପ୍ରାରମ୍ଭିକ ଶିକ୍ଷା ଓ ସର୍ବଶିକ୍ଷା

ଅଭିଯାନ ପରିପ୍ରେକ୍ଷୀରେ ପ୍ରାଥମିକ ଶିକ୍ଷାର ଲକ୍ଷ୍ୟ ହାସଲରେ ଗୋଷ୍ଠୀର ଭୂମିକା ସଂପର୍କରେ ମଧ୍ୟ ଆମେ ଆଲୋଚନା କରିଛୁ । ପାରସ୍ପରିକ ସହଯୋଗ ଏବଂ ବିଭିନ୍ନ ସଫଳ ଗଳ୍ପ ଓ କୌଶଳ ମାଧ୍ୟମରେ ବିଭିନ୍ନ ରାଜ୍ୟରୁ ଉଦାହରଣ ସହିତ ବିଦ୍ୟାଳୟ ଓ ଗୋଷ୍ଠୀ ଉଭୟର ଅଂଶଗ୍ରହଣ ଦ୍ୱାରା ସେମାନଙ୍କ ମଧ୍ୟରେ ଭାବ ଆଦାନ ପ୍ରଦାନ କିପରି ଦୃଢ଼ିଭୂତ ହୋଇପାରିବ ଆମେ ମଧ୍ୟ ସେ ବିଷୟରେ କଥୋପକଥନ କରିଛୁ ।

ଆମେ ଜାଣୁ ଯେଉଁ ଗୋଷ୍ଠୀରେ ପିଲା ବାସକରେ ତାହାର ସଂସ୍କୃତି, ଭାଷା ଏବଂ ଜୀବନ କୌଶଳ ଅଧିକତ୍ତର ଭାବରେ ପିଲାର ଶିକ୍ଷଣକୁ ପ୍ରଭାବିତ କରେ । ପିଲାର ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଆଧାରିତ ସ୍ୱାଧୀନ ଚିନ୍ତନ ଥିବା ବେଳେ, ବିଦ୍ୟାଳୟର ନିର୍ଭରଶୀଳ ଚିନ୍ତନ ଥାଏ । ଆମେ ମଧ୍ୟ ଭାଷା, ସଂସ୍କୃତି ଓ ଜୀବନ କୌଶଳ ସଂପର୍କିତ ବିଭିନ୍ନ ସମସ୍ୟାଗୁଡ଼ିକୁ ଆଲୋଚନା କରିଛୁ । ପିଲାମାନଙ୍କର ବିଦ୍ୟାଳୟରୁ ଛାଡ଼ି ଚାଲିଯିବାକୁ ପ୍ରତିରୋଧ କରିବା ପାଇଁ ବିଭିନ୍ନ ସ୍ଥାନୀୟ କଥିତ ଭାଷା ଓ ମାତୃଭାଷାରେ ଲୋକଗଳ୍ପ, ଲୋକକଥା, ଲୋକ ଖେଳର ଅନ୍ତର୍ଭୁକ୍ତି ମାଧ୍ୟମରେ ଶିକ୍ଷଣକୁ ଅର୍ଥପୂର୍ଣ୍ଣ, ଆନନ୍ଦମୟ ଏବଂ ପ୍ରାସଙ୍ଗିକ କରିବା ନିମିତ୍ତ ବିଦ୍ୟାଳୟ ଓ ଗୋଷ୍ଠୀ ଭାବ ବିନିମୟ ମାଧ୍ୟମରେ ସାମନା କରାଯାଇଛି ।

ଏହି ଏକକରେ ସେମାନଙ୍କ ଦୈନନ୍ଦିନ ଜୀବନର ଦଶଟି ମୌଳିକ / କୌଶଳର ବ୍ୟବାହର ସଂପର୍କିତ ଆଲୋଚନା ଏବଂ ବର୍ଣ୍ଣନା ରହିଛି ।

- ସ୍ଥାନୀୟ ଭାଷା, ସଂସ୍କୃତି ଓ ପ୍ରଥା ପ୍ରତି ଖୋଲାମନ, ବନ୍ଧୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ହୁଅ ।
- ଗୋଷ୍ଠୀ ଉତ୍ସବ ଓ ଘଟଣାମାନଙ୍କରେ ସଂପୃକ୍ତ ହୁଅ ।
- ଗୋଷ୍ଠୀ ଉତ୍ସବ ଓ ଘଟଣା ଆଦିରେ ମୁଖ୍ୟସୂଚନା ଦାତା, ଗୋଷ୍ଠୀ ମୁଖ୍ୟମାନଙ୍କୁ ଭେଟିବାକୁ ଚେଷ୍ଟାକର ।

## ୨.୬ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

ନିଜ ଅଗ୍ରଗତି ଆକଳନ -୧

୧. ସମାନ ସଂସ୍କୃତି, ପ୍ରଥା, ଐତିହ୍ୟ, ଭାଷା ଏବଂ ବିଦ୍ୟାମାନ ଥିବା ବିଭିନ୍ନ ଜୀବନ କୌଶଳ ବୃହତ୍ତର ସମାଜରେ ଗୋଷ୍ଠୀ ଏକ ଅଂଶ ଅଟେ ।

- ଗୋଷ୍ଠୀର ଉତ୍ସବ ଏବଂ ଘଟଣାଗୁଡ଼ିକରେ ନିଜକୁ ଅନ୍ତର୍ଭୁକ୍ତ କର ।
- ବିଭିନ୍ନ ବୟସର ଗୋଷ୍ଠୀ ବ୍ୟକ୍ତିମାନଙ୍କ ସହ କଥା ହୁଅ ।

**ନିଜ ଅଗ୍ରଗତି ଆକଳନ - ୨**

୧. ବିଦ୍ୟାଳୟ / କେନ୍ଦ୍ରଗୁଡ଼ିକୁ ସକରାତ୍ମକ ଏବଂ ଆବଶ୍ୟକୀୟ ଶିକ୍ଷଣ ସ୍ଥାନ ଭାବେ ଦେଖିବାକୁ ବାସ୍ତବରେ ଶିକ୍ଷାକର୍ମୀ ରାଭା ପିଲା, ପିତାମାତା ଏବଂ ଗୋଷ୍ଠୀକୁ ଅନୁପ୍ରାଣୀତ କରିଥିଲେ ।

## ୨.୭ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


- Government of India (undated) *Sarva Shiksha Abhiyan- Framework for Implementation*. Ministry of HRD, Department of Elementary Education and Literacy, New Delhi
- Jayaram, N, (2008) *School-Community Relations in India: Some Theoretical and Methodological Considerations,* Paper presented at National Seminar

on Community and School Linkages: Principles and Practices (March 17-19, 2008), NUEPA, New Delhi.

- Gaysu R. Arvind(2008) *Locating Community in School Education: Emerging Perspectives and Practices to Empowered Participatory Governance,* Paper presented at National Seminar on Community and School Linkages: Principles and Practices (March 17-19, 2008), NUEPA, New Delhi.
- K.B. Everard, Geoff Morris, Ian Wilson, Effective School Management: 2004, London
- D.B. Rao, The School and Community Relations: 2004, Discovery Publishing House Pvt. Ltd., New Delhi

ଟିପ୍ପଣୀ

## ୨.୮ ପାଠାନ୍ତ ପ୍ରଶ୍ନାବଳୀ

୧. ସମାଜ, ଗୋଷ୍ଠୀ ଏବଂ ବିଦ୍ୟାଳୟ ପରସ୍ପର ସହ ସଂପର୍କିତ, ବୁଝାଅ ।

୨. ବିଦ୍ୟାଳୟ ଏବଂ ସମାଜ ସଂପର୍କିତ ଭାଷା ଓ ସଂସ୍କୃତି ବିକାଶ ଉପରେ ଗୋଷ୍ଠୀର କ'ଣ ପ୍ରଭାବ ରହିଛି ?